# ନାଳିଆ ଘାସ ବୃତ୍ତିଧାରୀଙ୍କୁ ପ୍ରୋତ୍ସାହନ ନାହିଁ

- ଉପାନ୍ତ ଅଞ୍ଚଳର ମହିଳାଙ୍କୁ କରୁଥିଲା ସ୍ୱାବଲମ୍ବୀ
- ବନ ବିଭାଗ ଅନୁମତି ମିଳୁ ନ ଥିବାରୁ ମିଳୁନି କଞ୍ଚାମାଲ
- ବଜାରମଣ୍ଡି ସୁଯୋଗ ସୃଷ୍ଟି କରିବାକୁ ଅନୁରୋଧ

କେନ୍ଦ୍ରାପଡ଼ା, ୨୫।୨(ଜଗନ୍ନାଥ ଧଳ)


ମହିଳାମାନଙ୍କ ଦ୍ୱାରା ନାଳିଆ ଘାସରେ ନିର୍ମିତ ଘରକରଣା ସାମଗ୍ରୀ ।

ନାଳିଆ ଘାସରେ ତିଆରି ଟୋକେଇ, ପାଛିଆ, ନାଳିଆ, ସେର, ମାଣ ଚୁଙ୍କୁଲି ଆଦି ପ୍ରତ୍ୟେକଙ୍କ ଘରେ ପରିଚିତ। ପ୍ରାୟ ୫୦ବର୍ଷ ଧରି ଏହି ହସ୍ତଶିଳ୍ପ କୌଳିକ ବୃତ୍ତି ହୋଇ ରହିଆସିଛି। ଏଥିରେ ଆର୍ଥିକ ସଶକ୍ତୀକରଣ ହେବା ସହ ପରିବାର ପ୍ରତିପୋଷଣରେ ସହଯୋଗ କରାଯାଇଛି। ସମ୍ପ୍ରତି ଏହି ହସ୍ତଶିଳ୍ପ ବିଭିନ୍ନ କାରଣରୁ ଏବେ ଅଲୋଡା ହେଲାଣି। ତେବେ ଏହି ବୃତ୍ତିରେ ଆସୁଥିବା ଅର୍ଥ ପାଇଁ ୩ ଝିଅଙ୍କର ବିବାହ ହୋଇଛି ବୋଲି କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ସୁନିତି ଗ୍ରାମର ଶାନ୍ତିଲତା ଦାସ କହିଛନ୍ତି। ସେ କହିଛନ୍ତି ଯେ, ନାଳିଆ ଘାସ ବୃତ୍ତିଧାରୀଙ୍କୁ ଏବେ ପ୍ରୋତ୍ସାହିତ କରାଯାଉନାହିଁ। ପ୍ଲାଷ୍ଟିକ ସାମଗ୍ରୀର ଚାହିଦା ବୃଦ୍ଧି ଏ ପ୍ରକାର ହସ୍ତଶିଳ୍ପକୁ ବୁଡାଇ ଦେଇଛି। ସେହିପରି ଏହାର କଞ୍ଚାମାଲ ବିନା ମୂଲ୍ୟରେ ଭିତରକନିକା ଜଙ୍ଗଲ ସହ ଅନ୍ୟ ଅଞ୍ଚଳରେ ମିଳୁଥିଲା। ବନ ବିଭାଗର କଟକଣା କଞ୍ଚାମାଲ ସଂଗ୍ରହରେ ବାଧକ ହୋଇଛି। ବଜାର ମଣ୍ଡି ପାଇଁ ସୁଯୋଗ ସୃଷ୍ଟି ଆବଶ୍ୟକ। ଅଳ୍ପ କେତୋଟି ମେଳା, ମହୋତ୍ସବ, ପଲ୍ଲିଶ୍ରୀ ମେଳାକୁ ଛାଡି ପର୍ଯ୍ୟଟନ ଶିଳ୍ପ ଓ ଅନ୍‌ଲାଇନ ବ୍ୟବସାୟ, ବୈଷୟିକ ତାଲିମ ପାଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଏହି ହସ୍ତଶିଳ୍ପ ପାଇଁ ନାଳିଆ ଘାସ ଆବଶ୍ୟକ। ଜିଲାର ସମୁଦ୍ର କୂଳ ଲବଣାକ୍ତ ଜଳବାୟୁର ସନ୍ତସନ୍ତିଆ ସ୍ଥାନ ସହିତ ସ୍ଥାନୀୟ ଉପାନ୍ତ ଅଞ୍ଚଳରେ ନଦୀ ଓ ନାଳରେ ଏହାର ସ୍ୱତନ୍ତ୍ର ପ୍ରଜାତି ଅଛି। ଜିଲାର ମହାକାଳପଡା ବ୍ଲକ ଅଧୀନ ବଡିଘର, ଖରିନାସୀ, ରାମନଗର, ବରକନ୍ଦା, ଜମ୍ବୁ, ସୁନିତି ଓ ରାଜନଗର ବ୍ଲକର ଗୁପ୍ତି, ମଗରକନ୍ଦା, ଅଡ଼ସଲ, ଡାଙ୍ଗମାଳ, ଈଶ୍ୱରପୁର, ଡେରା, ମହୁଲିଆ ଆଦି ସହିତ ରାଜକନିକା ବ୍ଲକର କେତେକ ଅଞ୍ଚଳରେ ଏହି ପ୍ରଜାତିର ଘାସ ଦେଖିବାକୁ ମିଳିଥାଏ । ଏଥିସହ ହେନ୍ତାଳବଣ ମଧ୍ୟରେ ପ୍ରଚୁର ପରିମାଣରେ ନାଳିଆ ଘାସ ଉଠିଥାଏ। ଶିଶିର ଋତୁରେ ଏହାକୁ ସଂଗ୍ରହ କରାଯାଇ ଆବଶ୍ୟକ ମୁତାବକ ପାତିଆ କରାଯାଇ ଶୁଖାଯାଏ। ଏହାର ମୂଲ୍ୟବାନ ତନ୍ତୁ ଉତ୍କୃଷ୍ଟ ଘରୋଇ ସାମଗ୍ରୀ ନିର୍ମାଣରେ କଞ୍ଚାମାଲ ଭାବେ ବ୍ୟବହାର ହୋଇଥାଏ। ଏଥିରେ ପ୍ରସ୍ତୁତ ମୋବାଇଲ ଷ୍ଟାଣ୍ଡ, ପେନଷ୍ଟାଣ୍ଡ, ହାତପଙ୍ଖା, ଘରସଜ୍ଜା ଉପକରଣ ବେଶ ଆକର୍ଷଣୀୟ। ତନ୍ତଆପାଳର ପ୍ରମିଳା ଜେନା କହିଛନ୍ତି, ନାଳିଆ ଘାସ ଭିତରକନିକାରେ ପ୍ରଚୁର ପରିମାଣରେ ଅଛି। ଏହି କଞ୍ଚାମାଲ ସଂଗ୍ରହ କରିବାରେ ବନ ବିଭାଗ କଟକଣା ବାଧକ ସାଜିଛି। ଉପାନ୍ତ ଅଞ୍ଚଳରେ ପ୍ରସ୍ତୁତ ସାମଗ୍ରୀ ଘରୋଇ ଆବଶ୍ୟକତାକୁ ପୂରଣ କରିଥାଏ। ସାମ୍ପ୍ରତିକ ସମୟରେ ଏହି କୁଟୀର ଶିଳ୍ପର ଉନ୍ନତୀକରଣ ଓ ବ୍ୟାପକତା ପାଇଁ ବୈଷୟିକ ଜ୍ଞାନ କୌଶଳ ତାଲିମ ଆବଶ୍ୟକ। ତାଲିମ ପ୍ରାପ୍ତ ହୋଇ ନ ଥିବାରୁ ବ୍ୟାଙ୍କରୁ କୁଟୀର ଶିଳ୍ପକୁ ବୃହତ୍ ଆକାରର ଋଣ ମିଳୁନାହିଁ। ଏଥିପାଇଁ ଜିଲା ଶିଳ୍ପ କେନ୍ଦ୍ର, ଓରମାସ ଓ ନାବାର୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ମିଳିନି। ସାମାଜିକ କର୍ମୀ ତଥା ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରୁଥିବା ନେଇ ପ୍ରଚାର ଜୋରଦାର ହେଉଛି। ସେହିପରି ଏସ୍ଏଚ୍‌ଜି ଗୋଷ୍ଠୀ ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଆର୍ଥିକ ଦିଗରୁ ସଶକ୍ତୀକରଣ ହେଉଥିବା କୁହାଯାଉଛି। ଏହାର ବାସ୍ତବତା ହେଉଛି ଯେ, ସରକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଜିଲାରେ ଯେଉଁ ପରିମାଣରେ କାଇଁଛ ହସ୍ତଶିଳ୍ପକୁ ଗୁରୁତ୍ୱ ଦିଆଯାଉଛି, ସେହିପରି ନାଳିଆ ଘାସ ହସ୍ତଶିଳ୍ପକୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ଜିଲାରେ କଞ୍ଚାମାଲ ମାଗଣାରେ ମିଳୁଥିବା ସତ୍ତ୍ୱେ ଏହାର ପ୍ରଚାର ନ ଥିବାରୁ ଏହି କୁଟୀର ଶିଳ୍ପ ମରିଯିବାକୁ ବସିଛି। ଏ ସମ୍ପର୍କରେ ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ନାଳିଆ ଘାସ ହସ୍ତଶିଳ୍ପୀଙ୍କ ପାଇଁ ୨୦୦୯ ମସିହାରୁ ତାଲିମ ପ୍ରଦାନ କରାଯାଉଛି। ତେବେ ଏଥିରେ ତାଲିମ ପାଇଁ ବେଶି ଆଗ୍ରହ ନ ଥିବାରୁ ଆବଶ୍ୟକ ଅନୁଯାୟୀ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇନାହିଁ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିକ୍ରମ


@ କିଶୋର


@ ରୀତା


@ ସ୍ମୃତିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱରେ ବିକାଶର ଧାରା ଅବ୍ୟାହତ ପାଇଁ ଗବେଷଣା ଜରୁରୀ


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଡେରାବିଶ,୨୫।୨ (ବେବର୍ତ୍ତା ଅଜୟ ଦାସ)

**ଡେରାବିଶ ମହାବିଦ୍ୟାଳୟରେ ଜାତୀୟସ୍ତରୀୟ ଆଲୋଚନାଚକ୍ର**

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟରେ ରବିବାର ଡିଗ୍ରୀ ମହାବିଦ୍ୟାଳୟର ଅନ୍ତସ୍ଥ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠ (ଆଇକ୍ୟୁଏସି) ଏବଂ ଅର୍ଥନୀତି ବିଭାଗ ସହଯୋଗରେ ‘ଗବେଷଣା ପଦ୍ଧତି ଏବଂ ଶୈକ୍ଷଣିକ ଲିଖନ’ ବିଷୟ ଉପରେ ଏକ ଦୁଇଦିନ ବ୍ୟାପୀ ଜାତୀୟସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ଇନ୍‌ଫରମାଲ ସେକ୍ଟର ଆଣ୍ଡ ଲେବର ଷ୍ଟଡିଜ୍‌ର ପ୍ରଫେସର ଏବଂ ଚେୟାରପର୍ସନ ଡ. ମୀନକେତନ ବେହେରା ଏବଂ ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଆନାଲିଟିକାଲ୍ ଆଣ୍ଡ ଆପ୍ଲାଏଡ୍ ଇକୋନୋମିକ୍ସ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଶିବଶଙ୍କର ମହାନ୍ତି ଯୋଗ ଦେଇଥିଲେ। ପ୍ରଫେସର ଡ. ବେହେରା ତାଙ୍କ ବକ୍ତବ୍ୟରେ ସମ୍ପ୍ରତି ବିଶ୍ୱରେ ବିକାଶର ଧାରା ଅବ୍ୟାହତ ରଖିବା ପାଇଁ ଗବେଷଣା ଆବଶ୍ୟକତା ରହିଛି।

ଏଥିପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣା ଉପରେ ଗୁରୁତ୍ୱ ଦିଆଯାଉଛି। ଗବେଷଣା କ’ଣ ପାଇଁ, ଗବେଷଣା କ’ଣ ଏବଂ ଗବେଷଣା କେଉଁ ପଦ୍ଧତିରେ କରାଗଲେ ସଫଳତା ମିଳିପାରିବ ଗବେଷକ ତାହା ନିରୂପଣ କରିବା ଉଚିତ୍ ବୋଲି ଡ. ବେହେରା କହିଥିଲେ। ଜଣେ ଗବେଷକ ତୃଣମୂଳ ସ୍ତରରେ ଥିବା ସାଧାରଣ ମଣିଷର ସମସ୍ୟା ବୁଝିଲେ ତା’ର କାରଣ ଓ ନରାକରଣ ଖୋଜି ପାଇପାରିବ ବୋଲି ଡ. ବେହେରା ମତ ରଖିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞ ଡ. ଶିବଶଙ୍କର ମହାନ୍ତି ଗବେଷଣାର ଶୈକ୍ଷଣିକ ଲିଖନ ଏଭଳି ହେବା ଦରକାର ଯେପରି ଜଣେ ଗବେଷକଙ୍କ ଚିନ୍ତା, ଧାରଣା, ଓ ସୂଚନା ପରସ୍ପର ମଧ୍ୟରେ ବିନିମୟ ହୋଇପାରିବ ବୋଲି କହିଥିଲେ। ଏହାଦ୍ୱାରା ଜ୍ଞାନ ପରିବ୍ୟାପ୍ତ ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟିର ସଭାପତି ଶିକ୍ଷାବିତ୍ ଶରତ କୁମାର କର ଏବଂ ଆଇକ୍ୟୁଏସି ସଂଯୋଜକ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡେରାବିଶ ମହାବିଦ୍ୟାଳୟ ସମେତ ବିଭିନ୍ନ ମହାବିଦ୍ୟାଳୟରୁ ବହୁ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ବିଷୟ ସମ୍ପର୍କିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଡ. ରୁଦ୍ରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧ୍ୟାପକ ବିଶ୍ୱଜିତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବ୍ରାହ୍ମଣୀ ନଦୀରେ ବୁଡ଼ି ଛାତ୍ର ମୃତ

ଧର୍ମଶାଳା,୨୫।୨(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲର ଜଣେ ନବମ ଶ୍ରେଣୀ ଛାତ୍ର ନଦୀରେ ଗାଧୋଉଥିବା ବେଳେ ବୁଡିଯାଇ ପ୍ରାଣ ହରାଇଛନ୍ତି । ମୃତକ ହେଲେ ଗଙ୍ଗାଧରପୁର ପଲାର ଗ୍ରାମର ଧିରେନ୍ଦ୍ର ମଣ୍ଡଳଙ୍କ ବଡ଼ ପୁଅ ସତ୍ୟଜିତ (୧୪)। ରବିବାର ସେ ସାଙ୍ଗମାନଙ୍କ ସହିତ ଦେଉଳି ପାହାଡ଼ ନିକଟରେ ବନ ଭୋଜି କରୁଥିଲେ । ସ୍ଥାନୀୟ ବ୍ରାହ୍ମଣୀ ନଦୀର ନିକିରାଇ ଗଣ୍ଡକୁ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ବୁଡିଯାଇଥିଲେ । ସେ ବୁଡ଼ି ଯାଉଥିବା ଦେଖି ସାଙ୍ଗମାନେ ଡାକ ପକାଇବାରୁ ସ୍ଥାନୀୟ ଲୋକେ ନଦୀରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୭/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

## ଦୁର୍ଘଟଣାରେ ବାୟୁ ସେନା କର୍ମଚାରୀ ମୃତ

ପାଣିକୋଇଲି,୨୫।୨(ବିକାଶ କୁମାର ମଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ.ଜାତୀୟ ରାଜପଥର ପଥରପଦା ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବାୟୁସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଥାନା ଅଧୀନ ମୂଳାପାଳ ପଞ୍ଚାୟତ ମୂଳାପାଳ ଗ୍ରାମର ତୁଷାରକାନ୍ତ ମହାନ୍ତି (୨୬) ଏକ ସ୍କୁଟି (ନଂ.ଓଡ଼ି୩୪କେ୭୩୯୫)ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ପଥରପଦା ଡ଼ାଇଭର୍ସନ ନିକଟରେ ପଛପଟୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ସେ ରାସ୍ତା ଉପରେ ଛିଟିକି ପଡିଥିଲେ । ଏହି ସମୟରେ ଗାଡ଼ିଟି ତାଙ୍କ ମୁଣ୍ଡ ଉପରେ ଚଢ଼ି ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଲୋକମାନେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପଟରୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପାଣିକୋଇଲି ପୋଲିସ ପରିସ୍ଥିତିକୁ ଆୟତ କରିଥିଲା।

# ଚାଷୀ ସମାବେଶ ପାଇଁ ସଜବାଜ

ରସୁଲପୁର,୨୫।୨(ରଞ୍ଜିତ ରାଉତ)

**୧୨ ଦଫା ଦାବିପତ୍ର ପ୍ରଦାନକୁ ଗୁରୁତ୍ୱ**

ଯୁବ ଭାରତ କୃଷକ ସଂଘ ପକ୍ଷରୁ ଚାଷୀ ସମାବେଶ ପାଇଁ ସଜବାଜ ଚାଲିଛି । ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ରାଜକିଶୋର ସାମଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜିଲାକାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ ଯୋଗଦେଇ କୃଷକମାନଙ୍କ ପ୍ରମୁଖ ସମସ୍ୟା ଉପରେ ଆଲୋଚନା କରିଥିଲେ। ଯୁବ ଭାରତ କୃଷକ ସଂଘର ୧୨ ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଦାବି ମଧ୍ୟରେ ସାମାଜିକ ସୁରକ୍ଷା ଓ ସମାନ ଅର୍ଥନୀତିକ ବିଚାର କୃଷକମାନଙ୍କୁ ସର୍ବକାଳୀନ ଭତ୍ତା ଏବଂ କୃଷି ବୀମାର ସହଜ ସଅଳ ଉପଲବ୍ଧ, ନିଃଶୁଳ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ଅନୁଦାନ ଯୁକ୍ତ ଅତ୍ୟାଧୁନିକ ପ୍ରଶିକ୍ଷଣ ବ୍ୟବସ୍ଥା, ଅଣ କୃଷକଙ୍କୁ କୃଷକ ବର୍ଗରୁ ବାଦ,ଯୋଜନାରୁ ବଞ୍ଚିତ କିମ୍ବା ଅବହେଳିତ କୃଷକମାନଙ୍କୁ ସାମିଲ, କୃଷକର ଅଭିଯୋଗ ଓ ଅଧିକାରର ଦ୍ରୁତ ବିଚାର କୃଷି ଯୋଜନାରେ ଦୁର୍ନୀତିର ବିଚାର ପାଇଁ କୃଷି ଆୟୋଗ ଗଠନ, କୃଷି ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ ପାଇଁ ସ୍ଥାୟୀ ଓ ସୁନିଶ୍ଚିତ ସରକାରୀ ପରିଚାଳିତ ବଜାର ବ୍ୟବସ୍ଥା, ଫସଲ ଉତ୍ପନ୍ନ ଅଞ୍ଚଳରେ ଅପରାହ୍ନ ବିକ୍ରୟ କେନ୍ଦ୍ରକୁ ମଞ୍ଜୁରୀ ପ୍ରଦାନ, କୃଷି ଋଣ ଛାଡ, ଋଣ ଖିଲାପି ଚାଷୀଙ୍କୁ ପୁନଃ ଋଣ ଯୋଗାଣ ଓ କୃଷି ଆଧାରିତ ଶିଳ୍ପ ପ୍ରତିଷ୍ଠାରେ କୃଷକମାନଙ୍କୁ ଅଗ୍ରାଧିକାର, ପ୍ରତିବ୍ଲକରେ ସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଏକାଧିକ କାଞ୍ଜିଆହୁଦ ପ୍ରତିଷ୍ଠା, ମାଗଣା ଜଳ ଓ ବିଦ୍ୟୁତ ଯୋଗଣ ଏବଂ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ, ଉଦ୍‌ବୃତ୍ତ ଜଳ ଓ ବନ୍ୟା ଜଳ ନିଷ୍କାସନ ଓ ଏହାର ଉପଯୋଗ ପାଇଁ ପଦକ୍ଷେପ, ଚାଷ ଜମିରୁ ମୃତ୍ତିକା ଚାଲାଣ ନିଷେଧ ଗୋଚର ଜମି ବୃଦ୍ଧି ଭଳି ପ୍ରମୁଖ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ସଂଗଠନର ଜିଲା ମୁଖ୍ୟ ଉପଦେଷ୍ଟା କୁଳମଣି ଶୁକ୍ଳା, ରାଜ୍ୟ କମିଟି ସଦସ୍ୟ ନକୁଳ ରାଉତ, ସୁକିନ୍ଦା ଦାନଗଦି ସଭାପତି ଭାଗିରଥି ଜେନା ଧର୍ମଶାଳା ବ୍ଲକ ସଭାପତି ନୃସିଂହ ଭୁଞ୍ୟା, ବରୀ ବ୍ଲକ ସଭାପତି ବିଜୟ କୁମାର ସାହାଣି, ରସୁଲପୁର କାର୍ଯ୍ୟକାରୀ ସଭାପତି ଅମର ସାହୁ, ମଦନ ପ୍ରଧାନ, ପ୍ରଶାନ୍ତ ବେହୁରିଆ,ପ୍ରଶାନ୍ତ ପଢ଼ିହାରୀ ,ବିଷ୍ଣୁ ଚରଣ ପରିଡ଼ା, ପ୍ରକାଶ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସମୀର ସାମଲ ଧନ୍ୟବାଦ ଦେଇଥିଲେ।


ଯୁବ ଭାରତ କୃଷକ ସଂଘ ପକ୍ଷରୁ ଆୟୋଜିତ ବୈଠକ।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଫୁଃ: ବ୍ରାହ୍ମଣୀରୁ ବାଲି ଉତ୍ତୋଳନ

**ଦାଣ୍ଡିସାହି ସେତୁ ପ୍ରତି ବିପଦ**

ପଟ୍ଟାମୁଣ୍ଡାଇ, ୨୫।୨( କଳ୍ପତରୁ ନାୟକ)


ବ୍ରାହ୍ମଣୀ ନଦୀର ଦାଣ୍ଡିସାହି ସେତୁ ପାଖରୁ ବାଲି ଉତ୍ତୋଳନ କରାଯାଉଛି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳ ବ୍ରାହ୍ମଣୀ ନଦୀପଠାରୁ ବେଆଇନ ଭାବେ ଦିନରାତି ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ଆଖିରେ ଧୂଳି ଦେଇ ବାଲି ବ୍ୟବସାୟୀ ମାଲାମାଲ ହେଉଛନ୍ତି। ବେଆଇନ ବାଲି ଉତ୍ତୋଳନ ଯୋଗୁ ନଦୀପଠାରୁ ଅତଡ଼ା ଖାଇ ଗତିପଥ ବଦଳାଇ ଗାଁମୁହାଁ ହେବାରେ ଲାଗିଛି। ଏହା ଦାଣ୍ଡିସାହି ସେତୁ ପ୍ରତି ବିପଦ ଡାକି ଆଣିଛି। କେନ୍ଦ୍ରାପଡ଼ା ଜିଲା ଖଣି ବିଭାଗ ଓ ପଟ୍ଟାମୁଣ୍ଡାଇ ତହସିଲ ମଧ୍ୟରେ ଛକାପଞ୍ଝାର ଫାଇଦା ବାଲି ବ୍ୟବସାୟୀ ଉଠାଉଛନ୍ତି। ଫଳରେ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

ସାମାଜିକ କର୍ମୀ ନରେନ୍ଦ୍ର ଧଳ, କୈଳାସ ସେଠୀ, ବାବୁଲି ମହାନ୍ତି, ଆର୍ତ୍ତତ୍ରାଣ ପାତ୍ର ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବ୍ରାହ୍ମଣୀ ନଦୀରେ ତହସିଲ ପକ୍ଷରୁ ୩ଟି ବାଲି ସଇରାତକୁ ନିଲାମ ପ୍ରଦାନ କରାଯାଇଛି। ଉକ୍ତ ସଇରାତ ମଧ୍ୟରେ ଅମୃତମଣୋହି, ତରଡ଼ିପାଳ ଓ ଅଳପୁଆ ଆଦି ଅନ୍ତର୍ଭୁକ୍ତ ବୋଲି ରାଜସ୍ୱ ବିଭାଗରୁ ସୂଚନା ମିଳିଛି। ସେହି ସଇରାତଗୁଡ଼ିକ ନିଲାମ ସରିଛି। ହେଲେ ଏପର୍ଯ୍ୟନ୍ତ କୌଣସି ସଇରାତରୁ ବାଲି ଉତ୍ତୋଳନ ପାଇଁ ତହସିଲ ପକ୍ଷରୁ ମଞ୍ଜୁରି ଦିଆଯାଇନାହିଁ। ନିଲାମଧାରୀମାନେ କେବଳ ନିଲାମ ପାଇଥିବା ବେଳେ ଆବଶ୍ୟକ କାଗଜପତ୍ର ଦାଖଲ ନ କରି ଦିନରାତି ଟ୍ରାକ୍ଟର, ହାଇୱାରେ ଶତାଧିକ ଟ୍ରିପ ବାଲି ଲୁଟି ଚାଲିଛନ୍ତି। ସେହିପରି ନୀଳକଣ୍ଠପୁର, ତମଳାଶାସନ, ନାଇଆଡିଆ ଓ ଅଳଭା ବ୍ରାହ୍ମଣୀ ନଦୀପଠା ବାଲି ଖାଦାନରୁ ବେଧଡ଼କ ଭାବେ ବେଆଇନ ବାଲି ଚୋରା ଚାଲାଣ ହେଉଛି। ନୀଳକଣ୍ଠପୁର ଖାଦାନରୁ ବାଲି ଉତ୍ତୋଳନ ଯୋଗୁ ନଦୀପଠାରୁ ଅତଡ଼ା ଖାଇ ଗତିପଥ ବଦଳାଇ ଗାଁ ମୁହାଁ ହେଉଛି। ତମଳାଶାସନ ଓ ନାଇଆଡିଆ ବାଲି ସଇରାତର ପାଖରେ ଦାଣ୍ଡିସାହି ସେତୁ ଥିବାରୁ ଏଥିପ୍ରତି ବିପଦ ସୃଷ୍ଟି ହେଉଥିବାରୁ ପ୍ରଶାସନ ପକ୍ଷରୁ ଏଠାରୁ ବାଲି ଉତ୍ତୋଳନ ପାଇଁ ମଞ୍ଜୁରି ଦିଆଯାଇନାହିଁ। ଏହି ସ୍ଥାନରୁ ମେଶିନ ଦ୍ୱାରା ବାଲି ଖନନ ନ କରିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ରହିତାଦେଶ ଏବଂ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ମାତ୍ର କେତେଜଣ ବାଲି ବ୍ୟବସାୟୀ ଜୋରଜବରଦସ୍ତି ମେଶିନ ଲଗାଇ ଦୈନିକ ହାଇୱା ଓ ଟ୍ରାକ୍ଟରରେ ବାଲି ଏଠାରୁ ଚୋରା ଚାଲାଣ କରୁଛନ୍ତି। କେଉଁ ମୁହୂର୍ତ୍ତରେ ସେତୁ ଭୁଶୁଡ଼ି ପଡ଼ିବ ସେଭଳି ଆଶଙ୍କା ସୃଷ୍ଟି ହେଉଛି। ବନ୍ୟାପାଣି ଆସିଲେ ନଦୀ ଅବବାହିକାରେ କ୍ଷୟକ୍ଷତି କରୁଥିବାରୁ ସ୍ଥାନୀୟ ବାସିନ୍ଦା ଚିନ୍ତାରେ ଅଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲଘୁ ଖଣିଜ ଚୋରି ଉପରେ ଅଙ୍କୁଶ ଲଗାଇବାକୁ ସରକାର ଲଘୁ ଖଣିଜ ସମ୍ପଦକୁ ରାଜସ୍ୱ ବିଭାଗ ହାତରୁ କାଢ଼ି ଖଣି ବିଭାଗକୁ ଦାୟିତ୍ୱ ଦେଇଛନ୍ତି। ଖଣି ବିଭାଗ ଅଧୀନରେ ଲଘୁ ଖଣିଜ ସମ୍ପଦ ପରିଚାଳନା ପାଇଁ କେନ୍ଦ୍ରାପଡ଼ାରେ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଖୋଲାଯାଇଛି। ହେଲେ ସରକାରଙ୍କ ଏହି ନିଷ୍ପତ୍ତି ମହରଗରୁ ଯାଇ କାନ୍ତାରରେ ପଡ଼ିବା ଭଳି ହୋଇଛି। ପ୍ରତ୍ୟେକ ନଦୀ ଶଯ୍ୟାକୁ ବ୍ୟବସାୟୀ କବ୍‌ଜାକୁ ନେଇ ବାଲି ଖୋଳି ଧ୍ୱଂସ କରିବାରେ ଲାଗିଛନ୍ତି। ମାଟି କଥା ନ କହିବା ଭଲ। ଏଭଳି ସ୍ଥିତିରେ ତହସିଲ କାର୍ଯ୍ୟାଳୟ ଚୁପ ବସିଥିବା ବେଳେ ଖୋଲା ଯାଇଥିବା ଖଣି ବିଭାଗ ଅପାରଗତା ପଦାରେ ପଡିଛି। ଏ ସମ୍ପର୍କରେ ମାଇନିଂ ଅଫିସର ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ପଚାରିବାରେ ଖଣି ବିଭାଗ ପକ୍ଷରୁ ଚୋରା ବାଲି ଗାଡ଼ି ଧରିବାକୁ ଯିବା ସମୟରେ ମାଫିଆମାନେ ନାନା ପ୍ରକାର ଭୟଭୀତ କରାଉଛନ୍ତି। ଏପରିକି ଚଢ଼ାଉ ବେଳେ ବାଲି ଚୋରା ଚାଲାଣକାରୀମାନେ ଦ୍ରୁତଗତିରେ ଆଗରେ ଗାଡ଼ି ନେଇ ଚାଲି ଯାଉଛନ୍ତି। ବହୁ ସମୟରେ ସେମାନେ ଆମ ଗାଡିକୁ ଆଗକୁ ଯିବାକୁ ଦେଉନାହାନ୍ତି ବୋଲି ସେ କହିଛନ୍ତି।

# ମାଟିରେ ମିଶିବ ବରଗୁଡ଼ି ପାହାଡ଼

- ଦିନ ରାତି ଚାଲିଛି ବେଆଇନ ବିସ୍ଫୋରଣ
- ୩ଟି ଗାଁରେ ମୃଦୁ ଭୂକମ୍ପ
- ପ୍ରତିବାଦ କଲେ ମାରପିଟ୍, ଗଣ୍ଡଗୋଳ


ପାହାଡ ଖୋଳାକୁ ଗ୍ରାମବାସୀ ବନ୍ଦ କରିବାକୁ ଯାଇଛନ୍ତି।

ନୟାଗଡ଼,୨୫।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ତହସିଲର ବରଗୁଡ଼ି ପାହାଡ଼ରେ ବେଆଇନ ବିସ୍ଫୋରଣ ଯୋଗୁ ମାଟିରେ ମିଶିବାକୁ ଯାଉଛି ପାହାଡ। ଦିନରାତି ଏଠାରେ ଚାଲିଛି ବିସ୍ଫୋରଣ। ବିସ୍ଫୋରଣର ପ୍ରଭାବରେ ବଣବାଣପୁର ପଞ୍ଚାୟତର ଘଣାଶାଳିଆ, ଭ୍ରମରବରପ୍ରସାଦ, ବାଞ୍ଛପଲ୍ଲୀ ପରି ୩ଟି ଗାଁର ପ୍ରାୟ ୫୦୦ପରିବାରର ଲୋକ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ୩ଟି ଗାଁରେ ମୃଦୁ ଭୂକମ୍ପ ପରି ହେଉଛି। ବେଆଇନ ବିସ୍ଫୋରଣ ନେଇ ମୁହଁ ଖୋଲିଲେ ମାରପିଟ୍, ଗଣ୍ଡଗୋଳ କରି ମୁହଁ ବନ୍ଦ କରି ଦିଆଯାଉଛି। ପ୍ରାୟ ୬ମାସ ହେଲା ଏପରି ବେଆଇନ ବିସ୍ଫୋରଣ ଚାଲିଥିଲେ ମଧ୍ୟ ପ୍ରଶାସନିକ ପଦକ୍ଷେପ ନାହିଁ ବୋଲି ଅଭିଯୋଗ ହୋଇ ଆସୁଛି। ଅଭିଯୋଗ ଅନୁସାରେ ବରଗୁଡି ପାହାଡଠାରୁ ଘଣାଶାଳିଆ, ଭ୍ରମରବରପ୍ରସାଦ, ବାଞ୍ଛପଲ୍ଲୀ ପରି ୩ଟି ଗାଁ ୭୦୦ରୁ ୯୦୦ ମିଟର ମଧ୍ୟରେ ରହିଛି। ପାହାଡରେ ବ୍ଲାଷ୍ଟିଂ ହେଲେ ଏହାର ପଥର ଛେଲା ଗାଁ ପାଖ ଅଞ୍ଚଳରେ ପଡୁଛି। ଭଲ ଭାବେ ଫସଲ ହେଉନି। କିଛି ଗାଁଲୋକଙ୍କ ଉପରେ ବ୍ଲାଷ୍ଟିଂ ସମୟରେ ପଥର ପଡ଼ି ଆହତ ହେଉଛନ୍ତି। ଦିନରାତି ପାହାଡରେ ବ୍ଲାଷ୍ଟିଂ ଚାଲିଛି। ଏ ନେଇ ଏକାଧିକ ଗ୍ରାମବାସୀ ନିଜ ନାଁ ଗୋପନ ରଖି କହିଛନ୍ତି, ଗାଁ ପାହାଡରେ ବ୍ଲାଷ୍ଟିଂ ନେଇ ମୁହଁ ଖୋଲିଲେ ବିପଦ ମାଡି ଆସୁଛି। କେତେଜଣ ଗୁଣ୍ଡା ଶ୍ରେଣୀର ଲୋକ ବେଆଇନ ଭାବେ ବ୍ଲାଷ୍ଟିଂ କରି ଆସୁଛନ୍ତି। ପାହାଡ ନିକଟରେ ସ୍କୁଲ ହୋଇଥିବାରୁ ଛାତ୍ରୀଛାତ୍ର ଭୟଭୀତ ହୋଇ ସ୍କୁଲକୁ ଯାଉଛନ୍ତି। ମଝିରେ ମଝିରେ ଗାଁଲୋକ ଯାଇ ପାହାଡକୁ ଯାଇ ବେଆଇନ ବ୍ଲାଷ୍ଟିଂ ନେଇ ପ୍ରତିବାଦ କରୁଛନ୍ତି। ହେଲେ ପଥର ଚୋର ଗାଁଲୋକଙ୍କ ପ୍ରତିବାଦକୁ ଶୁଣୁ ନାହାନ୍ତି। ବରଂ ନେତୃତ୍ୱ ନେଉଥିବା ଲୋକଙ୍କୁ ବିଭିନ୍ନ ପ୍ରକାରର ଧମକଚମକ ମାରପିଟ୍ କରି ମୁହଁ ବନ୍ଦ କରାଇ ଦେଉଛନ୍ତି। କେତେଜଣ ଲୋକଙ୍କୁ ଟଙ୍କା ଦେଇ ମୁହଁ ବନ୍ଦ କରୁଛନ୍ତି। ଅନ୍ୟପକ୍ଷେ ଧମକାଉଛନ୍ତି ପ୍ରଶାସନକୁ ଅଭିଯୋଗ କଲେ ସୁଫଳ ମିଳିବନି। ଆମେ ପ୍ରତି ମାସରେ ଉପହାର ଓ ମାସିକିଆ ଚାନ୍ଦା ଦେଇ ଆମ କାରବାରକୁ ଚାଲୁ ରଖିଛୁ। ଆମ ପଛରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ପରୋକ୍ଷ ସମର୍ଥନ ରହିଛି। ଚଢ଼ାଉ ପୂର୍ବରୁ ଆମେ ଆଗୁଆ ସୂଚନା ପାଇଯାଉଛି। ଏଣୁ କାମ ବନ୍ଦ କରି ଦେଉଛୁ। ଏଣୁ ଚଢ଼ାଉ ଆମ ଉପରେ ଫରକ ପକାଇ ନ ଥାଏ ବୋଲି କହିଥିଲେ। କିଛିଦିନର ବ୍ୟବଧାନ ପରେ ପରେ ପୁଣି ଖଣି ଚଲାଇବୁ। ଆମର କିଛି ଅସୁବିଧା ହୋଇ ନ ଥାଏ। ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ପଚାରିବାରେ ଅଭିଯୋଗ ମିଳିନି। ତେବେ ବେଆଇନ ଖଣି ଖନନ ନେଇ ଖଣ୍ଡପଡ଼ା ତହସିଲଦାରଙ୍କ ସହ କଥା ହୋଇ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ୬୦ ଜୀବନ୍ତ ଗୁଳି, ବନ୍ଧୁକ, ଗିଲୋଟିନ ଜବତ

**୭ଜଣଙ୍କୁ ଅଟକ ରଖି ତଦନ୍ତ**

ଖଣ୍ଡପଡ଼ା ଥାନା ପୋଲିସ ବରଗୁଡି ପାହାଡରେ ବେଆଇନ ବ୍ଲାଷ୍ଟିଂ ନେଇ ୭ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଅଟକ ଭିତରେ ବ୍ରହ୍ମପୁର ଅଞ୍ଚଳର ୩ଜଣ ଓ ବାଣପୁର ଗାଁର ବିନୋଦ ପ୍ରଧାନ, ସନନ୍ଦ ପ୍ରଧାନ, ପ୍ରମୋଦ ପ୍ରଧାନ ଓ ପହଲା ମଲିକଙ୍କ ସମେତ ୭ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଟକ ଲୋକଙ୍କ ଠାରୁ ୧ ଲକ୍ଷ ୩୫ ହଜାର ଟଙ୍କା, ୬୦ ଗୁଳି, ଗୋଟିଏ ବନ୍ଧୁକ, ଗିଲୋଟିନି, ମାରଣାସ୍ତ୍ର ଜବତ ହୋଇଛି। ବରଗୁଡି ପାହାଡରେ ୧୦ଟି ବେଆଇନ ଖଣିରେ ବ୍ଲାଷ୍ଟିଂ ହେଉଥିବାବେଳେ ଏଠାରେ ବେଆଇନ ଭାବେ କ୍ରଶର ଚାଲୁଥିଲା ବୋଲି ଜଣାପଡିଛି। ଖଣି ଓ ତହସିଲ ଅଫିସରେ ଧରାଧରି କରି ବେଆଇନ ଭାବେ ଖଣି ଖନନ ଓ କ୍ରଶର ଚାଲୁ ରହିଥିଲା ବୋଲି ଜଣାପଡିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିକ୍ରମ


@ କିଶୋର


@ ରୀତା


@ ସ୍ମୃତିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିଖରପୁରରେ ସିପିଆଇଏମ୍‌ର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ସିପିଆଇଏମ୍‌ର ନେତାମାନେ।

ନୟାଗଡ଼,୨୫।୨(ଲୋକନାଥ ମିଶ୍ର)

ଶରଣକୁଳ ନିକଟସ୍ଥ ଶିଖରପୁରଠାରେ ସିପିଆଇ(ଏମ୍) ପକ୍ଷରୁ ରବିବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରରେ କୃଷକ-ଶ୍ରମିକ ବିରୋଧୀ ଭାଜପା ମେଣ୍ଟ ସରକାରକୁ ଏବଂ ଭାଜପାକୁ ସମର୍ଥନ କରୁଥିବା ଓଡ଼ିଶାର ବିଜେଡିକୁ ଆଗାମୀ ସାଧାରଣ ନିର୍ବାଚନରେ ପରାସ୍ତ କରିବାକୁ ନିଷ୍ପତ୍ତି ନେବା ସହ ସିପିଆଇଏମ୍ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଅଣ୍ଟା ଭିଡିବାକୁ ଶପଥ ନିଆଯାଇଛି। ପାର୍ଟିର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ସୁରେଶ ପାଣିଗ୍ରାହୀ ଓ ଦୁଷ୍ମନ୍ତ ଦାସ କେନ୍ଦ୍ର ଭାଜପା ସରକାରର ଦରବୃଦ୍ଧି ନୀତି, ଘରୋଇକରଣ ନୀତି, ଗଣତନ୍ତ୍ର ଆଉ ସାମ୍ବିଧାନିକ ବିଧି ବ୍ୟବସ୍ଥା ବିରୋଧୀ ଏକଛତ୍ରବାଦ ନୀତି ବିରୋଧରେ ବ୍ୟାପକ ଆଲୋଚନା ରଖିଥିଲେ। ଜିଲାର ଅନ୍ୟତମ ନେତୃତ୍ୱ କମ୍ରେଡ୍ ଶରତଚନ୍ଦ୍ର ବେହେରା, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ, ନିତ୍ୟାନନ୍ଦ ପରିଡ଼ା, ସୁରେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଯୁବ ଫେଡେରେଶନ୍ ର ରାଜ୍ୟ ସଭାପତି ତଥା ଅଞ୍ଚଳର ଗଣ ଆନ୍ଦୋଳନର ନେତା ସରୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଶ୍ରମିକନେତା କପିଳ ସାହୁ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ।

## ଗଣିଆରେ ବିଜେଡିର ବିକାଶ ସମାବେଶ

**୯୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ**



ସମାବେଶରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତ ଓ ଅନ୍ୟମାନେ।

ଗଣିଆ, ୨୫।୨
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକରେ ରବିବାର ବିଜେଡିର ବିକାଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଗଣିଆ ବୁଢାବୁଢି ଠାକୁରାଣୀଠାରୁ ଏକ ପଦଯାତ୍ରାରେ ବାହରି ଗଣିଆ ବଜାର ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଚଉବଙ୍ଗ ତୋଟାଠାରେ ପହଞ୍ଚି ଥିଲା। ପରେ ଆୟୋଜିତ ବିଜେଡିର ବିକାଶ ସମାବେଶ ସଭାରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତ ଓ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ନୟାଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଜାନକୀ ଦେହୁରୀ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଗଣିଆ ଜିଲା ପରିଷଦ ସଭ୍ୟ ନରେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ନେତୃବୃନ୍ଦ ଲୋକଙ୍କୁ ବୁଝାଇ ଥିଲେ। ଏହା ପରେ ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ୯୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ଗଣିଆ ବ୍ଲକର ଇଶ୍ୱରପୁରଠାରୁ ଦଶପଲ୍ଲା ବ୍ଲକର ଅନ୍ଧାରକୋଟ ପର୍ଯ୍ୟନ୍ତ ପିଡବ୍ଲୁଡି ରାସ୍ତା ନିର୍ମାଣ ପାଇଁ ୪୨ କୋଟି, ଆଡକଟାଠାରୁ ମହିତମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୧୬ କୋଟି ୨୫ ଲକ୍ଷ, ଏରୁଣ୍ଡିପଥର ରାସ୍ତା ନିର୍ମାଣ ପାଇଁ ୧କୋଟି, ବସନ୍ତପୁର ଓଡ଼ିଆ ଛକଠାରୁ ପିଡବ୍ଲୁଡି ରାସ୍ତା ନିର୍ମାଣ ୨କୋଟି ୮୧ ଲକ୍ଷ, କାଙ୍କୁଡିଖୋଲଠାରେ ଥିବା ଆଦର୍ଶ ବିଦ୍ୟାଳୟ ୪କୋଟି ୭୦ ଲକ୍ଷ ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ, ନାବାର୍ଡ ସହାୟତାରେ ମହାନଦୀର ଦକ୍ଷିଣପାର୍ଶ୍ୱ ବଡମୂଳ ଓ ରାଉତପଡା ଗ୍ରାମରେ ୩ ଗୋଟି ବୁରୁଜ ନିର୍ମାଣ ପାଇଁ ୮କୋଟି ୨୩ ଲକ୍ଷ , ବଡଶିଲିଙ୍ଗା ପଞ୍ଚାୟତ ବସାଗଣ୍ଡ ନାଳରେ ବିଜୁ ସେତୁ ନିର୍ମାଣ ପାଇଁ ୫ କୋଟି ୭୬ଲକ୍ଷ ଓ ସିଲଟି ନାଳରେ ସେତୁ ନିର୍ମାଣ ପାଇଁ ୪ କୋଟି ୪୮ ଲକ୍ଷ ଟଙ୍କାର ପ୍ରକଳ୍ପର ଫଳକ ଉଦ୍‌ଘାଟିତ ହୋଇଥିଲା।

## ସରକାରୀ ବ୍ୟାଗ, ଭତ୍ତା ବଣ୍ଟନବେଳେ ଉତ୍ତେଜନା


ହରିହରପୁର ପଞ୍ଚାୟତରେ ଭତ୍ତା ଓ ବ୍ୟାଗ ନେବାକୁ ଲୋକଙ୍କ ଗହଳି।

ଶରଣକୁଳ,୨୫।୨(ଦୀପକ କର)

ଶରଣକୁଳ ଥାନା ନିକଟସ୍ଥ ହରିହରପୁର ପଞ୍ଚାୟତରେ ରବିବାର ସରକାରୀ ବ୍ୟାଗ ଓ ଭତ୍ତା ବଣ୍ଟନ ବେଳେ ହଟଗୋଳ ଓ ଉତ୍ତେଜନା ଦେଖାଦେଇଥିଲା। ପରେ ପୋଲିସ ଉପସ୍ଥିତିରେ ଏହି ବଣ୍ଟନ କରାଯାଇଥିଲା। ଏ ନେଇ ହରିହରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ପଞ୍ଚାୟତରେ ସରକାରୀ ବ୍ୟାଗ ଓ ଏକ ହଜାର ଟଙ୍କା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ସେଥିଲାଗି ପଞ୍ଚାୟତରେ ହିତାଧିକାରୀମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବଣ୍ଟନ ସମୟରେ ସର୍ଭର ଡାଉନ ଥିବାରୁ ବଣ୍ଟନରେ ବିଳମ୍ବ ଦେଖାଦେବାରୁ ହିତାଧିକାରୀମାନେ ପ୍ରବଳ ପାଟିତୁଣ୍ଡ ଓ ହଟଗୋଳ କରିବା ହେତୁ ଉତ୍ତେଜନା ଦେଖାଦେଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏ ସମ୍ପର୍କରେ ଓଡଗାଁ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଜଣେଇବାରୁ ସେ ଆଉ ୨ଦିନ ସର୍ଭର ଡାଉନ ରହିବ ବୋଲି କହିଥିଲେ। ଏସବୁ ଦେଖି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୋଲିସକୁ ଅବଗତ କରାଇଥିଲେ। ପୋଲିସ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପରେ ପୋଲିସ ଉପସ୍ଥିତିରେ ବଣ୍ଟନ କାର୍ଯ୍ୟ କରଯାଇଥିଲା।

## ମାଙ୍କଡ଼ାପଥର ବୋଝେଇ ୫ ଟ୍ରକ ଜବତ: ବେଆଇନ ଭାବେ ହେଉଥିଲା ଚାଲାଣ

ନୟାଗଡ଼,୨୫।୨(ଲୋକନାଥ ମିଶ୍ର)

ଓଡଗାଁ କୋକାମଣ୍ଡ ରାସ୍ତାର ୨୧ ନଂ. ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ଓଡଗାଁ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୧ ଟ୍ରକ ଓ ୪ ମିନିଟ୍ରକ ଜବତ କରାଯାଇଛି। ପରେ ପରେ ଗୋଟିଏ ଟ୍ରକ୍ ଓ ୩ଟି ମିନି ଟ୍ରକ୍‌ଠାରୁ ୧ ଲକ୍ଷ ୧୦ ହଜାର ଜରିମାନା ଆଦାୟ କରାଯାଇ ଗାଡି ଛଡାଯାଇଛି। ଅନ୍ୟପକ୍ଷେ ୧ଟି ମିନିଟ୍ରକ ତହସିଲ କାର୍ଯ୍ୟାଳୟ ପରିସରରେ ଅଟକି ରହିଛି। ଓଡଗାଁ ଥାନା ପୋଲିସ ସହାୟତାରେ ଶନିବାର ବିଳମ୍ବିତ ରାତିରେ ଓଡଗାଁ ତହସିଲଦାର ମାନସ ରଞ୍ଜନ ଭୋଇ ଓ ଅତିରିକ୍ତ ତହସିଲଦାର ଜି. ଶିନୁ ପ୍ରମୁଖଙ୍କ ସହ ରାଜସ୍ୱ କର୍ମଚାରୀ ଚଢ଼ାଉ କରିଥିଲେ। ବେଆଇନ ମାଙ୍କଡା ପଥର ଚାଲାଣ ପ୍ରତ୍ୟହ ରାତିରେ ହେଉଥିବା ଅଭିଯୋଗ ହୋଇ ଆସୁଥିବାବେଳେ କୋମଣ୍ଡ ଅଞ୍ଚରେ ଶତାଧିକ ବେଆଇନ ଖଣି ଚାଲୁ ରହିଛି।

## ମିଳିତ ଆକ୍ରମଣରେ ଜଣେ ଗୁରୁତର: ବିରୁଡାରେ ଉତ୍ତେଜନା

ନୟାଗଡ଼,୨୫।୨(ଲୋକନାଥ ମିଶ୍ର)

ଇଟାମାଟି ଥାନା ବିରୁଡାରେ ମିଳିତ ଆକ୍ରମଣରେ ଅମର ପ୍ରଧାନ(୩୫) ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଅମର ମୋଟର ଲଗାଇ ବାହାଘରର ଭୋଜିର ରବିବାର ହଣ୍ଡା ମାଜୁଥିଲେ। ଗାଁର ଅନ୍ୟ ଏକ ଗୋଷ୍ଠୀର କିଛି ଲୋକ ଆସି ହଣ୍ଡା ମାଜିବାକୁ କହି ବିପିନଙ୍କୁ ସାଇଡ ହେବାକୁ କହିଥିଲେ। ବିପିନ ଆଗରୁ ମାଜୁଥିବାରୁ ଅପେକ୍ଷା କର କହିବାରୁ ମାରପିଟ୍ କରି ପଳାଇ ଯାଇଛନ୍ତି। ଅମରଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଛି। ଅବସ୍ଥାରେ ଉନ୍ନତି ନଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଏ ଘଟଣା ପ୍ରଚାରିତ ପରେ ଗାଁରେ ଉତ୍ତେଜନା ଦେଖା ଦେଇଛି। ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ କଥା କଟାକଟି, ଯୁକ୍ତି ତର୍କ, ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି ବିରୁଡାରେ ମାରପିଟ୍ ଘଟଣାର ପୋଲିସ ତଦନ୍ତ କରୁଛି। ତେବେ ଘଟଣା ସମ୍ପର୍କରେ ଅଭିଯୋଗ ନାହିଁ ବୋଲି ସେ କହିଛନ୍ତି।

## ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୭୦ ଜଣଙ୍କୁ ଚଷମା ବଣ୍ଟନ

ଖଣ୍ଡପଡା,୨୫।୨
(ଅଜୟ କୁମାର ମହାରଣା)

ମୁଖ୍ୟମନ୍ତ୍ରୀଙ୍କ ସୁନେତ୍ର ଯୋଜନାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଉଥିବା ଯୋଜନାରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଭାଗ ପକ୍ଷରୁ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୭୦ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଡଶ. ଅଭିଷାର ପଣ୍ଡା କହିଛନ୍ତି। ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରୁ ୨ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରାଇ ଥିଲେ। ଚକ୍ଷୁ ରୋଗ ନିରୀକ୍ଷକ ଦୀନବନ୍ଧୁ ରାଉତ ସମସ୍ତଙ୍କର ଚକ୍ଷୁ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ବ୍ୟବହାର ନିମନ୍ତେ ପରାମର୍ଶ ଦେଇଥିଲେ।

## ଦୁର୍ଘଟଣାରେ ଜଣେ ଯୁବକ ମୃତ, ଜଣେ ଗୁରୁତର

ଖଣ୍ଡପଡ଼ା,୨୫।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା-ଭାପୁର ମୁଖ୍ୟ ରାସ୍ତାର କୁସୁମୀ ସେତୁ ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଏକ ବାଇକ୍‌ରେ ଯାଉଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବରପାଇ ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିଥିବା ଜଣାପଡିଛି। ମୃତ ଯୁବକଙ୍କ ନାମ ଅଭିମନ୍ୟୁ ଦଳେଇ(୪୨)। ତାଙ୍କ ଘର ଭାପୁର ବ୍ଲକର ବାଇଗୁଣିଆ ପଞ୍ଚାୟତ ଅଧୀନ ବୋରଗାଁରେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଖବରପାଇ ଖଣ୍ଡପଡା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କଠାରୁ ପ୍ରକାଶ।

## ଇଟାମାଟି ଫୁଟ୍‌ବଲ କ୍ଲବ ଚାମ୍ପିୟନ

**ଜିଲାସ୍ତରୀୟ ପଠାଣି ସାମନ୍ତ କପ ଫୁଟ୍‌ବଲ ଟୁର୍ନାମେଣ୍ଟ**


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ଖଣ୍ଡପଡ଼ା,୨୫।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମଧୁବନ ମିନିଷ୍ଟାଡିୟମ ପରିସରରେ ଖଣ୍ଡପଡା ଯୁବକ ସଂଘ ପକ୍ଷରୁ ପଠାଣି ସାମନ୍ତ କପ ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଥିଲା। ଇଟାମାଟି ଫୁଟ୍‌ବଲ କ୍ଲବ ୩-୧ ଗୋଲରେ ଖଣ୍ଡପଡ଼ା ଫୁଟ୍‌ବଲ ଟିମକୁ ପରାସ୍ତ କରି ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଛି। ଉଭୟ ଦଳର ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧରେ ଖଣ୍ଡପଡ଼ା ଦଳ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଇଟାମାଟି ଦଳ ୩ଟି ଗୋଲ ସ୍କୋର କରି ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଧାନ ଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଡ. ଗୋପବନ୍ଧୁ ମିଶ୍ର, ଖବରଦାତା ବିନାୟକ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସମୀର ଖୁଣ୍ଟିଆ, ଜଗନ୍ନାଥ ପରିଡା, ସୂର୍ଯ୍ୟକାନ୍ତ ଦଳବେହେରା ଓ ୪ର୍ଥ ରେଫରୀ ଭାବେ ତପନ ସାହୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଚାମ୍ପିୟନ ଓ ରନର୍ସ ଅପ ଦଳଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ଓ ସହଯୋଗୀ ସୁଶାନ୍ତ କୁମାର ମହାରଣା, ତୋଫାନ ଗୁରୁ, ସତ୍ୟପ୍ରିୟ ଦାସ, ଅନୁପ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମଧୁବୈଶ୍ୟ ସମାଜ ବ୍ୟାସନଗର ଶାଖାର ବୈଠକ

ଯାଜପୁରରୋଡ଼,୨୫।୨(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌରାଞ୍ଚଳର ଦଳା ସ୍ଥିତ ନନ୍ଦିଘୋଷ ଟ୍ରେଡର୍ସ ପରିସରରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ବ୍ୟାସନଗର ଶାଖାର ଏକ ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲାସ୍ତରୀୟ ସଂଗଠନ ପାଇଁ କାର୍ଯ୍ୟକର୍ତ୍ତା ଚୟନ କରିବାକୁ ବ୍ଲକସ୍ତରୀୟ ଆଞ୍ଚଳିକ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଆସନ୍ତା ମାର୍ଚ୍ଚ ୧୦ ତାରିଖରେ ବସିବାକୁ ବୈଠକରେ ସ୍ଥିର ହୋଇଥିଲା । ବୈଠକରେ ମଧୁବୈଶ୍ୟ ସମାଜ ଜିଲାସ୍ତରୀୟ ଆବାହକ ବସନ୍ତ ପାତ୍ର, ଧୀରେନ୍ଦ୍ର କୁମାର ସାହୁଙ୍କ ସମେତ ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ସାହୁ, ବୈରାଗୀ ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ବୀରକିଶୋର ସାହୁ, ବଳରାମ ସାହୁ, ରଙ୍ଗ ବଲ୍ଲଭ ସାହୁ, ସୁଧାଂଶୁ ଶେଖର ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ଅରୁଣ କୁମାର ସାହୁ, ରାମଚନ୍ଦ୍ର ସାସମଲ, ହୃଷୀକେଶ ପାତ୍ର, ସତୀଶ କୁମାର ସାହୁ, ଭକ୍ତବନ୍ଧୁ ସାହୁ, କମଳାକାନ୍ତ ସାହୁ, ବିଦ୍ୟାଧର ସାହୁ ଓ ଶ୍ରୀନିବାସ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ରହିଥିଲେ ।

### ବିଞ୍ଝାରପୁରରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବିଞ୍ଝାରପୁର,୨୫।୨( ରାମକୃଷ୍ଣ ଦାସ):

ଦେଶରେ ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହି ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛି । ନିର୍ବାଚନ ମଇଦାନରେ ନିଜର ପତିଆରା ପାଇଁ ବିଜେଡିର ଛାମୁଆ ସଙ୍ଗଠନ ଅଣ୍ଟା ଭିଡିଛି । ଏହି ଅବସରରେ ବିଞ୍ଝାରପୁର ବିଜେଡିର ଛାତ୍ର, ଯୁବ,ମହିଳା ସଙ୍ଗଠନ ନିର୍ବାଚନ ପୂର୍ବରୁ ଆଗୁଆ ଘର ଘର ବୁଲି ସରକାରଙ୍କ ସମସ୍ତ ଜନହିତ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କୁ ଅବଗତ କରୁଛନ୍ତି । ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଚାଲିଥିବା ଏହି ଅଭିଯାନରେ ଛାତ୍ର ବିଜେଡି ସଭାପତି ଲେନିନ ଦାସ, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ସୁଖ ରଞ୍ଜନ ପରିଡ଼ା, ଅଶୋକ ସାହୁ, ପ୍ରଦ୍ୟୁମ୍ନ ପାତ୍ର, ସରପଞ୍ଚ ଏମ.ଡି. ସବୀର ପ୍ରମୁଖଙ୍କ ସମେତ ବହୁ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ସାମିଲ ଥିଲେ ।

# ଗଣମାଧ୍ୟମ ଜାଗ୍ରତ ଥିବାରୁ ସମାଜ ତିଷ୍ଠି ରହିଛି

**ଗଣମାଧ୍ୟମର ଗତି ଓ ଦୁର୍ଗତି ଶୀର୍ଷକ ଆଲୋଚନାଚକ୍ର**

କାଏମା,୨୫।୨(ଶିବପ୍ରସାଦ ମହାନ୍ତି)




ଆଲୋଚନାଚକ୍ରରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି ।

ଯାଜପୁର ଜିଲା ଧର୍ମଶାଳା ମିଡିଆ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ସଭାପତି ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ଗଣମାଧ୍ୟମର ଗତି ଓ ଦୁର୍ଗତି'ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସକଳ ପ୍ରତିବନ୍ଧକ ସତ୍ତ୍ୱେ ଗଣମାଧ୍ୟମ ତା'ର ମର୍ଯ୍ୟାଦା ହରାଇ ନ ଥିବା ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏଥିପାଇଁ ସମାଜ ତିଷ୍ଠି ରହିଛି ବୋଲି ଅତିଥିମାନେ କହିଥିଲେ ।

ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଅନ୍ୟ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଖବରଦାତା ବସନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଖବରଦାତା ଅୟସକାନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୈଦ୍ୟୁତିକ ଖବରଦାତା ଆନନ୍ଦ ମହାରଣା ସମ୍ପାଦକୀୟ ଅଭିଭାଷଣ ରଖିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ଗଣମାଧ୍ୟମର ମୂଲ୍ୟବୋଧ ଓ ଭୂମିକା ବିଷୟରେ ଆଲୋଚନା କରିଥିଲେ । ପରେ ବିଧାୟକ ବଳବନ୍ତରାୟ ସମାଜରେ କିପରି ଗଣମାଧ୍ୟମର ପ୍ରଭାବ ବଢ଼ିବ ସେ ବିଷୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଯୋଗଦେଇ କହିଲେ ଆଜିର ଗଣମାଧ୍ୟମ ଦିଗହୀନ ହୋଇ ପଡିବା ପାଇଁ କ୍ଷମତାସୀନମାନେ ଉଦ୍ୟମ କରୁଛନ୍ତି । ଅନ୍ୟତମ ଅତିଥି ଭାବେ ଅର୍ଗସ ଟିଭିର ବରିଷ୍ଠ ଖବରଦାତା ଶାନ୍ତିଭୂଷଣ ମିଶ୍ର ଯୋଗ ଦେଇ ନିଜସ୍ୱ ଅନୁଭୂତିକୁ ଉଦାହରଣ ଦେଇ ଗଣମାଧ୍ୟମ କିପରି ବିଭିନ୍ନ ପରିସ୍ଥିତି ସତ୍ତ୍ୱେ ତିଷ୍ଠି ରହିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ବଡ଼ ଖବରର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ଯୋଗ ଦେଇ ଗଣମାଧ୍ୟମ କାହାର ଦୟାର ପାତ୍ର ହେବା ବୃତ୍ତି ପାଇଁ ବିପଦ ବୋଲି କହିଥିଲେ । ମିଡ଼ିଆ କ୍ଲବର ଉପଦେଷ୍ଟା ବୈଦ୍ୟୁତିକ ଖବରଦାତା ବିମଳ ପତିଙ୍କ ସଞ୍ଚାଳନରେ ଆୟୋଜିତ ଉତ୍ସବରେ ବରିଷ୍ଠ ଖବରଦାତା ବିଶ୍ୱନାଥ ସାମଲ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ବିଜୟ କୁମାର ଶତପଥୀ, ଡ.ସୁଶାନ୍ତ କୁମାର ବେହେରା, ଶାନ୍ତିଲତା ଦାଶ, କୃତୀ ଛାତ୍ରୀ ଲୋପାମୁଦ୍ରା ପ୍ରିୟଦର୍ଶିନୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଖବରଦାତା ସେକ ଆଲାଉଦିନ, ତ୍ରିଲୋଚନ ବେହେରା, ଗୟାଧର ନାୟକ, ଶିବପ୍ରସାଦ ମହାନ୍ତି ମାନପତ୍ର ପାଠ କରିଥିବା ବେଳେ ଖବରଦାତା ଦୀପକ ଦାସ, ସୁଶାନ୍ତ ନାୟକ, ଗଗନ ଦାସ, ଅଶୋକ ଦାସ, ସୁଶାନ୍ତ ଗୋଛାୟତ, ସୂର୍ଯ୍ୟ ନାରାୟଣ ଭୂୟାଁ ପ୍ରମୁଖ ସହଯୋଗ କରିଥଲେ । ଖବରଦାତା ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

ବଡ଼ଚଣା,୨୫।୨
(ଦିଲୀପ କୁମାର ମହାନ୍ତି) :

ଧାନମଣ୍ଡଳ ଧନଘର ଖୋଲ ଜଗନ୍ନାଥ ମନ୍ଦିର ପରିସରରେ ପାଞ୍ଚଦିନିଆ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଅଙ୍କୁରାରୋପଣ, କଳସାଧିବାସ, ଅଗ୍ନିସ୍ଥାପନ, ଗୀତା ଯଜ୍ଞ, ନାମଯଜ୍ଞ, ଅଗ୍ନି ଉତ୍ସବ, ଚତୁର୍ଦ୍ଧାମୂର୍ତ୍ତିଙ୍କ ସହସ୍ର ନାମରେ ଆହୁତି, ବିଷ୍ଣୁ ସହସ୍ର ନାମରେ ଆହୁତି, ଗଜ ଉଦ୍ଧାରଣ ବେଶ, ଅଷ୍ଟପ୍ରହର ନାମ ଯଜ୍ଞ, ଭଜନ କୀର୍ତ୍ତନ, ପ୍ରବଚନ, ପାଲା ଆଦି ଅନୁଷ୍ଠିତ ହୋଇଥିଲା । ଶେଷରେ ପୂର୍ଣ୍ଣାହୁତି ଦିଆଯାଇଥିଲା । ଏହାପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ସ୍ମୃତି ରଞ୍ଜନ ଓତା, ଧୀରେନ୍ଦ୍ର ରଥ, ନାରାୟଣ ଦାସ, ଅନିଲ ଓତା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ । କର୍ତ୍ତା ଭାବେ ସହଦେବ ଚମ୍ପତି ଓ କଳାବତୀ ଚମ୍ପତି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ । ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ଦୀପକ କୁମାର ମିଶ୍ରଙ୍କ ନେତୃତ୍ୱରେ କାହ୍ନୁ ଚରଣ ରାଉତ, ରମେଶ ଚନ୍ଦ୍ର ଦାସ, ପ୍ରମୋଦ ଦାସ ପ୍ରମୁଖ ସହଯୋଗ କରିଥିଲେ ।



ଗୀତା ମହାଯଜ୍ଞରେ ସାମିଲ ହୋଇଥିବା ସାଧୁସନ୍ଥମାନେ ।

# ଅବସରପ୍ରାପ୍ତ ବନ୍ଦୋବସ୍ତ, ଚକବନ୍ଦୀ କର୍ମଚାରୀ ହତାଶ

- ସର୍ବନିମ୍ନ ପେନ୍‌ସନ ରାଶିକୁ ନେଇ ଅସନ୍ତୋଷ
- ବାରମ୍ବାର ଦାବି ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବଡ଼ଚଣା,୨୫।୨(ଦିଲୀପ କୁମାର ମହାନ୍ତି):



ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ବନ୍ଦୋବସ୍ତ, ଚକବନ୍ଦୀ କର୍ମଚାରୀ ।

ଦୀର୍ଘ ବର୍ଷ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ବନ୍ଦୋବସ୍ତ ଓ ଚକବନ୍ଦୀ ଅଫିସରେ କାମ କରି ସ୍ୱଳ୍ପ ବେତନ ପାଉଥିବା କର୍ମଚାରୀମାନେ ଏବେ ବଡ଼ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି । ଅବସର ନେବାପରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଅଳ୍ପ କେତେ ଟଙ୍କା ପେନସନ ମିଳୁଛି । ଆଜିର ବଜାର ଦର ଅନୁଯାୟୀ ସେହି ଟଙ୍କାରେ ଚଳିବା କାଠିକର ପାଠ ହେଉଛି । ଏ ସଂକ୍ରାନ୍ତରେ ସରକାର ତୁରନ୍ତ ଦୃଷ୍ଟି ଦେବା ସହିତ ପେନସନ ରାଶି ବୃଦ୍ଧି କରିବାକୁ ଯାଜପୁର ଜିଲା ଅବସରପ୍ରାପ୍ତ ବନ୍ଦୋବସ୍ତ ଓ ଚକବନ୍ଦୀ କର୍ମଚାରୀମାନେ ଦାବି କରିଛନ୍ତି ।

ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀମାନେ କହିଛନ୍ତି, ରାଜ୍ୟରେ ମୋଟ ୮୨୫୧ କର୍ମଚାରୀ ଏହି ବିଭାଗ ଅଧୀନରେ କାର୍ଯ୍ୟ କରି ଅବସର ନେଇଛନ୍ତି । ଅବସରରେ ସେହି କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶଙ୍କ ପରଲୋକ ଘଟିଛି । ଆଉ କେତେଜଣ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇ ସେମାନଙ୍କ ପେନସନ ବଢ଼ାଇଛନ୍ତି । ଏବେ ରାଜ୍ୟରେ ପ୍ରାୟ ୫ହଜାର ଅବସରପ୍ରାପ୍ତ କର୍ମଚାରୀ ଅଛନ୍ତି, ଯେଉଁମାନେ ସର୍ବନିମ୍ନ ୩୫୦୦ ଟଙ୍କା ପେନସନ ମୂଳ ଆଧାରରୁ ପାଉଛନ୍ତି । ଠିକାରେ ୨୮ ବର୍ଷ ଚାକିରି ପରେ ୩୦ରୁ ୪୦ ବର୍ଷ କାମ କରି ମଧ୍ୟ ସେହି କର୍ମଚାରୀମାନେ ସମ୍ପୂର୍ଣ୍ଣ ପେନସନ ପାଉନାହାନ୍ତି । ଏଣୁ ସେହି କର୍ମଚାରୀମାନେ ସରକାରଙ୍କ ନିକଟରେ ଚାକିରିର ସମୟକୁ ଗ୍ରହଣ କରି ପୂର୍ଣ୍ଣମାତ୍ରାରେ ପେନସନ ପ୍ରଦାନ ପାଇଁ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ କର୍ମଚାରୀମାନେ ବହୁବାର ରାଜ୍ୟ ସରକାର, ଜିଲାପାଳ, ରାଜସ୍ୱ ଅଧିକାରୀମାନଙ୍କୁ ଜଣାଇବା ପରେ ମଧ କୌଣସି ଫଳ ମିଳୁନାହି । ଏବେ ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀମାନଙ୍କ ଭତ୍ତା ଓ ଦରମା ବଢାଉଥିବା ବେଳେ ଉପରୋକ୍ତ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପ୍ରତି ସରକାର କୌଣସି ସହାୟତା ପ୍ରଦାନ କରୁନାହାନ୍ତି । ଏପରି କି ସେମାନଙ୍କ ପରିବାରକୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇନାହିଁ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ କର୍ମଚାରୀ ଶରତ ଚନ୍ଦ୍ର ଧଳ, ବସନ୍ତ କୁମାର ନାୟକ, ବିଷ୍ଣୁ ଚରଣ ସ୍ୱାଇଁ, କରୁଣାକର ଖୁଣ୍ଟିଆ, ଶଙ୍କର୍ଷଣ ଓଝା, ଅନନ୍ତ କିଶୋର ପୃଷ୍ଟି, ପଦ୍ମ ଚରଣ ସାହୁ, ବଟକୃଷ୍ଣ ସାହୁ ପ୍ରମୁଖ କହିଛନ୍ତି ।

### କାଞ୍ଜିଆ ବଜାରରୁ ଦୋକାନ ଘର ଭାଙ୍ଗି ଲୁଟ

ଚଣ୍ଡିଖୋଲ,୨୫।୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅଧୀନ ଦେଉଳକୁର ଗ୍ରାମର କାଞ୍ଜିଆ ବଜାରରୁ ଶନିବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି କେହି ଲକ୍ଷାଧିକ ଟଙ୍କା ସହିତ ସୁନା ଅଳଙ୍କାର ଲୁଟିନେଇଛନ୍ତି । ଦେଉଳକୁର ଗ୍ରାମର ଉମେଶ ଶିବଦାଶ ଓ ସାନ ଭାଇ ଜିନେଶ ଶିବଦାଶ ନିକଟସ୍ଥ କାଞ୍ଜିଆ ବଜାରରେ ଦୋକାନ କରିଛନ୍ତି । ଦୋଜନ ଘର କବାଟ ଭାଙ୍ଗି ଘର ଭିତରେ ପଶି କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ଜିନିଷ ଲୁଟ କରିବାରେ ସକ୍ଷମ ହୋଇଛନ୍ତି । ରବିବାର ଏ ସମ୍ପର୍କରେ ବଡ଼ଚଣା ଥାନାରେ ଏତଲା ଦେବା ପରେ ଏସ୍‌ଆଇ ଜହର ଆବେଦିନଙ୍କ ନେତୃତ୍ୱରେ ପୋଲିସ ଟିମ ତଦନ୍ତ ଆରମ୍ଭ କରିଛି । ଲୁଟେରାମାନେ ଚୋରିରେ ବ୍ୟବହୃତ ରଡ଼ ଓ ଅନ୍ୟାନ୍ୟ ସାମଗ୍ରୀକୁ ଛାଡି ପଳାଇଛନ୍ତି । ବଡ଼ଚଣା ଅଞ୍ଚଳରେ ଏଭଳି ଚୋରି ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଲୋକମାନଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି । ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ କରି ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।

# ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ଜଳାଶୟ ସଫେଇ

ଯାଜପୁରରୋଡ଼,୨୫।୨
(ପବିତ୍ର ରଞ୍ଜନ ମହାନ୍ତି):

ରବିବାର ସାରା ଭାରତ ବର୍ଷରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଭିନ୍ନ ନଦୀ ପଠା, ସମୁଦ୍ର କୂଳ ଓ ଜଳାଶୟ ମାନ ଏକ ସମୟରେ ସଫେଇ କରାଯାଇଛି । ଏହି ପରିପେକ୍ଷୀରେ ନିରଙ୍କାରୀ ମିଶନ ତରଫରୁ ବ୍ୟାସନଗର ଧବଳଗିରିସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟସ୍ଥ ଧବଳେଶ୍ୱର ପୋଖରୀର ସଫେଇ କରାଯାଇଥିଲା । ଏଥିରେ ବ୍ୟାସନଗର ତଥା ଆଖପାଖ ନିରଙ୍କାରୀ ମିଶନର ଭଦ୍ରକ ଶାଖା, ରାମବାଗ ଶାଖା, କଲ୍ୟାଣୀର ସେବାଦଳ ଏବଂ ସନ୍ଥ ମହାପୁରୁଷମାନେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ.ପ୍ରୀତିରଞ୍ଜନ ଘଡ଼ାଇ, ଭଦ୍ରକର ମୁଖ୍ୟ ମହାତ୍ମା ମନୋଜ କୁମାର ରଣା, ବ୍ୟାସନଗର ସିଭିଲ ସୋସାଇଟିର ଆବାହକ ଆଇନଜୀବୀ ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ନିରଙ୍କାରୀ ମିଶନର ଦାନଗଦି ଶାଖାର ଚୈତନ୍ୟ ଚରଣ ଜେନା, କଲ୍ୟାଣୀ ଶାଖାର ଆନନ୍ଦ ଚନ୍ଦ୍ର ବେହେରା ଏବଂ ରାମବାଗ ଶାଖାର ବ୍ରହ୍ମଦେବ କାନୁନଗୋଙ୍କ ତତ୍ତ୍ୱାବଧାନରେ ଉପରୋକ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା । ଶେଷରେ ପଞ୍ଚମୁଖୀ ମନ୍ଦିର କମିଟି ତଥା ସ୍ଥାନୀୟ ପ୍ରଶାସନ ତରଫରୁ ନିରଙ୍କାରୀ ମିଶନର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ଜଳାଶୟ ସଫେଇ କରାଯାଉଛି ।

# ୧୪ କୋଟି ବିନିମୟରେ ହେବ ଅତ୍ୟାଧୁନିକ କ୍ରୀଡ଼ା ପ୍ରତିଷ୍ଠାନ

କଳିଙ୍ଗନଗର,୨୫।୨(ଶୁଭାଶିଷ ରାଉତ)

ଦାନଗଦି ବ୍ଲକ ରଣାଗୁଣ୍ଡି ପଞ୍ଚାୟତ ରଗଡ଼ା ନିକଟରେ ପ୍ରସ୍ତାବିତ ଅତ୍ୟାଧୁନିକ କ୍ରୀଡା ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇ ଯାଇଛି । ୧୪ କୋଟି ଟଙ୍କାର ଜିଲା ଖଣିଜ ନ୍ୟାସ ପାଣ୍ଠି ଅନୁଦାନରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଭୂମି ପୂଜନ କରିଥିଲେ । ଏହି କ୍ରୀଡା ପ୍ରତିଷ୍ଠାନ କାର୍ଯ୍ୟ ୭ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ମନ୍ତ୍ରୀ ଘଡାଇ କହିଛନ୍ତି । କଳିଙ୍ଗନଗର ଶିଳ୍ପାଞ୍ଚଳର ଯୁବତୀଯୁବକ ମାନଙ୍କୁ କ୍ରୀଡା କ୍ଷେତ୍ରରେ ସମୃଦ୍ଧ ଓ ବିକଶିତ କରିବା କ୍ଷେତ୍ରରେ ଏହି କ୍ରୀଡା ପ୍ରତିଷ୍ଠାନ ସହାୟକ ହୋଇ ପାରିବ ବୋଲି ମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ । ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲା ପରିଷଦ ସଭ୍ୟା ଟିନା ହାଇବ୍ରୁ, ସରପଞ୍ଚ ତୁଷାର ରଞ୍ଜନ ଜେନା, ସମିତି ସଭ୍ୟ ପ୍ରସନ୍ନ କୁମାର ଉତ୍ତର କବାଟ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଦିଲୀପ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ତାପସ କୁମାର ପୃଷ୍ଟିଙ୍କ ସମେତ ବହୁ ସାଧାରଣ ଲୋକ ଉପସ୍ଥିତ ଥିଲେ ।




ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓ ଅନ୍ୟମାନେ ।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ଉତ୍ସବ

ଯାଜପୁର ଟାଉନ,୨୫।୨
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ସତ୍‌ସଙ୍ଗ କେନ୍ଦ୍ରଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ତମ ଜୟନ୍ତୀ ଉତ୍ସବ ଓ ଯାଜପୁର ସତ୍‌ସଙ୍ଗର ରୌପ୍ୟ ଜୟନ୍ତୀ ଉତ୍ସବ ନହରପଦା ପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ସତ୍‌ସଙ୍ଗ ମୂଳ ଆଶ୍ରମ ଦେଓଘରଠାରୁ ଠାକୁରଙ୍କର ଅଣନାତି ଅଜିତାବ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ସାଧାରଣ ସଭାରେ ଦମ୍ଭରୁଧର ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ବରୀ ବିଧାୟିକା ସୁନନ୍ଦା ଦାସ, ଡ. ବିନାୟକ ମହାପାତ୍ର, ଶ୍ରୀଧର ସୁନ୍ଦର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟବକ୍ତା କେଦାର ମହାନ୍ତି, ଉତ୍ସବ କମିଟିର ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ଯାଜପୁର ସତ୍‌ସଙ୍ଗ କେନ୍ଦ୍ର ଓ ରଜତ ଜୟନ୍ତୀ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ ।

# ବ୍ଲକସ୍ତରୀୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବନ୍ଧୁମିଳନ

କାଏମା,୨୫।୨( ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା କଲ୍ୟାଣ ମଣ୍ଡପଠାରେ ଧର୍ମଶାଳା ବ୍ଲକସ୍ତରୀୟ ନୂତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଧର୍ମଶାଳା ବ୍ଲକ ପ୍ରତିନିଧି ଶ୍ରୀଧର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ଜିଲା ମୋ ସ୍କୁଲର ସଭାପତି ରାଜେନ୍ଦ୍ର ଶତପଥୀ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ ସେନାପତି, ଧର୍ମଶାଳା ମଣ୍ଡଳର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ମମିତା ମହାନ୍ତି ଓ ଜିଲାର ବିଭିନ୍ନ ବ୍ଲକର ପ୍ରତିନିଧି ଏଥିରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ବନ୍ଧୁମିଳନ ପର୍ବରେ ଧର୍ମଶାଳା ବ୍ଲକରେ ୨୦୨୧,୨୦୨୨ ଓ ୨୦୨୩ ରେ ନିଯୁକ୍ତି ପାଇଥିବା ନୂତନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଜିଲା ଶିକ୍ଷକ ସଂଗଠନର ପ୍ରତିନିଧି ଚିନ୍ମୟ ରଥ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ ।

# ପରିବେଶ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର



ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

ଯାଜପୁରରୋଡ଼,୨୫।୨(ପବିତ୍ର ରଞ୍ଜନ ମହାନ୍ତି):

ରବିବାର ବ୍ୟାସନଗର ପୌରପରିଷଦର ଶଶୀଭୂଷଣ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ ପକ୍ଷରୁ ଏକ ପରିବେଶ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ପଣ୍ଡା ଅଧ୍ୟକ୍ଷତା କରିଥିଲେ । ପରିବେଶକୁ ସୁସ୍ଥ ରଖିବା ପାଇଁ ବୃକ୍ଷ ହିଁ ଏକମାତ୍ର ପନ୍ଥା । ଜଙ୍ଗଲ ସମ୍ପଦ ଦିନକୁ ଦିନ କ୍ଷୟ ହେଉଥିବାରୁ ପରିବେଶ ଉପରେ ଏହାର ଚାପ ପଡୁଛି । ଋତୁ ପରିବର୍ତ୍ତନ ହେବା ସଙ୍ଗେ ପୃଥିବୀର ସନ୍ତୁଳନ ଉପରେ ପ୍ରଭାବ ପକାଉଛି । ସମସ୍ତେ ଗୋଟିଏ ଲେଖାଏ ଚାରା ରୋପଣ କରି ପରିବେଶକୁ ରକ୍ଷା କରିବା ପାଇଁ ଯତ୍ନବାନ ହେବ ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ପୌର ପରିଷଦର ଖଣ୍ଡାୟତା ଗ୍ରାମ ନିକଟବର୍ତ୍ତୀ ସ୍ୱପ୍ନେଶର ମନ୍ଦିର ପରିସରକୁ ସବୁଜ ବାହିନୀର ଛାତ୍ରୀମାନଙ୍କ ଦ୍ୱାରା ପରିଷ୍କାର କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସବୁଜ ବାହିନୀ ଛାତ୍ରୀମାନଙ୍କ ଦ୍ୱାରା ମନ୍ଦିର ପରିସରରେ ଚାରା ରୋପଣ କରାଯାଇ ଉକ୍ତ ଗ୍ରାମରେ ପରିବେଶ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲା । ଏହି ଅବସରରେ ଗ୍ରାମବାସୀଙ୍କୁ ଗୋଟିଏ ଲେଖାଏ ଚାରା ପ୍ରଦାନ କରାଯାଇଥିଲା ।

# ନକାରାତ୍ମକ ଖବର ନୁହେଁ, ସକାରାତ୍ମକ ଖବର ଉପରେ ଗୁରୁତ୍ୱ

ଯାଜପୁରରୋଡ଼,୨୫।୨(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ଼ରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା କଳିଙ୍ଗନଗର ବୁଲେଟିନର ଦ୍ୱାଦଶ ସ୍ୱନକ୍ଷେତ୍ର ଉତ୍ସବ କେ.ଏନ୍.ଡି.ଏ.ସେଲିବ୍ରେଶନ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବକୁ ପୂର୍ବତନ ଅର୍ଥମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରି ଖବରଦାତାମାନେ ନକାରାତ୍ମକ ଖବରକୁ ଗୁରୁତ୍ୱ ନ ଦେଇ ସମାଜର କଲ୍ୟାଣ ପାଇଁ ସାକରାତ୍ମକ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତପେଶ ରାୟ, ଓ ଯାଜପୁର କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପତ୍ରିକର ସମ୍ପାଦକ ହାରାଧନ ବାନାର୍ଜୀ ସଭାପତିତ୍ୱ କରିଥିବା ବେଳେ ସହଯୋଗୀ ସମ୍ପାଦକ ଶରତ ପଥାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲର ଶୁଭ୍ରାଂଶୁ ଶେଖର ପଣ୍ଡା, ଜିନ୍ଦଲ ରେସିଡେଣ୍ଟ ଡାଇରେକ୍ଟର ଭାଙ୍କା ଶିବରାମକ୍ରୀଷ୍ଣା, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତପେଶ ରାୟ, ଡୁବୁରୀ ସମବାୟବିତ୍ ବିଜୟ କୁମାର ଦାସ, ଖବରଦାତା ତଥା ଅଭିନେତା ରଙ୍ଗବଲ୍ଲଭ ସାହୁ ଓ ଖବରଦାତା ପ୍ରଦୀପ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ମହିଳା, ସାମାଜିକ କର୍ମୀ, ଖବରଦାତା ଯୋଗଦେଇଥିଲେ ।




କଳିଙ୍ଗନଗର ବୁଲେଟିନର ସ୍ୱନକ୍ଷେତ୍ର ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ଓ ଅନ୍ୟମାନେ ।

## ମା' ତାରେଣୀ ମେଳା ମହୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ, ୨୫।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅଡ଼ଙ୍ଗାସ୍ଥିତ ମା' ତାରେଣୀଙ୍କ ପୀଠରେ ରବିବାର ଆରମ୍ଭ ହୋଇଛି ମା' ତାରେଣୀ ମେଳା ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ। ୩ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ମହାଯଜ୍ଞ ମଙ୍ଗଳବାର ଶେଷ ହେବ। ତେବେ ରବିବାର ଚିତ୍ରୋତ୍ପଳା ନଦୀରୁ ଶତାଧିକ ମହିଳା ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଆଜିର ଯଜ୍ଞ ଉତ୍ସବରେ ଅଗ୍ନି ସ୍ଥାପନ କରାଯାଇଥିଲା। ତେବେ ଏହି ମହୋତ୍ସବରେ ପ୍ରତ୍ୟହ ସନ୍ଧ୍ୟାରେ ଆଧାତ୍ମିକ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜନଗହଳିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ପୋଲିସ ଓ ସ୍ୱେଚ୍ଛାସେବୀମାନେ ନିୟୋଜିତ ରହିଛନ୍ତି।

# ନାଗରିକଙ୍କୁ ସଶକ୍ତ, ସ୍ୱାବଲମ୍ବୀ ପାଇଁ ମିଳୁନାହିଁ ଋଣ

ପଟ୍ଟାମୁଣ୍ଡାଇ, ୨୫।୨ (କଳ୍ପତରୁ ନାୟକ)

ଦେଶରେ ଦାରିଦ୍ର୍ୟକୁ ହ୍ରାସ କରି ଲୋକମାନଙ୍କୁ ଆତ୍ମନିର୍ଭର କରିବା ସହ ସେମାନଙ୍କୁ ସ୍ୱାଭିମାନୀ କରିବାକୁ ସରକାର ରିଟେଲ ଲୋନ, ମୁଦ୍ରା, ଷ୍ଟାର୍ଟ ଅପ୍, ପିଏମ୍ ସ୍ୱନିଧି ଓ ଏମ୍ଏସ୍ଏମ୍ଇ ପିଏମ୍ଜିପି ଭଳି ବିଭିନ୍ନ ଯୋଜନାରେ ନାଗରିକମାନଙ୍କୁ ଋଣ ପ୍ରଦାନ କରି ସଶକ୍ତ ଓ ସ୍ୱାବଲମ୍ବୀ କରାଉଛନ୍ତି। ପୂର୍ବରୁ ଓଡ଼ିଶାରେ ଋଣ ସହାୟତା ୬୭ ହଜାର କୋଟି ଟଙ୍କା ଥିବାବେଳେ ଏବେ ୨ ଲକ୍ଷ ୧୪ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ରାପଡା ଜିଲାର ବେକାର ଆଗ୍ରହୀ ଯୁବତୀଯୁବକଙ୍କୁ ସବୁ କ୍ଷେତ୍ରରେ ଆର୍ଥିକ ସହାୟତା ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ସାମାଜିକ କର୍ମୀ ସୁଶାନ୍ତ ସାମଲ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ହୋଇଥିବା ବେଳେ ଉଦ୍ୟୋଗ କ୍ଷେତ୍ରରେ ଅଗ୍ରଣୀ ହୋଇପାରିନାହିଁ। ଉଦ୍ୟୋଗ କ୍ଷେତ୍ରରେ ଜିଲାକୁ ଆଗକୁ ବଢ଼ାଇବା ପାଇଁ ଯେଉଁ ସାମଗ୍ରିକ ଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକମାନେ ଜିଲା ଶିଳ୍ପ କେନ୍ଦ୍ରରେ ଆବେଦନ କରୁଥିଲେ ମଧ୍ୟ ସବୁ କ୍ଷେତ୍ରରେ ଆର୍ଥିକ ସହାୟତା ମିଳୁନାହିଁ। ଜିଲା ଶିଳ୍ପକେନ୍ଦ୍ର ପ୍ରତିବର୍ଷ ନିଜ ଟାର୍ଗେଟ ପୂରଣ କରୁଥିବା ଦାବି କରୁଥିଲେ ମଧ୍ୟ ଋଣ ମିଳିବାରେ ସମସ୍ୟା ହେଉଛି। ଫଳରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ଏମ୍ଏସ୍ଏମ୍ଇ ପିଏମ୍ଇଜିପି)ର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କେନ୍ଦ୍ରାପଡ଼ା ଜିଲା ୨୦୨୩-୨୪ ଆର୍ଥିକ ବର୍ଷରେ ୨୧୨ ନୂଆ ଉଦ୍ୟୋଗକୁ ଋଣ ଅନୁମୋଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୩ ଜଣଙ୍କୁ ଅନୁମୋଦନ ମିଳି ସାରିଛି। ମାର୍ଚ୍ଚ ଶେଷ ସୁଦ୍ଧା ୨୫୦ ନୂଆ ଉଦ୍ୟୋଗକୁ ଋଣ ଅନୁମୋଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ଗଣେଶ ଚନ୍ଦ୍ର ବେହେରା କହିଛନ୍ତି। ତେବେ ପ୍ରତିବର୍ଷ ଜିଲାରେ ସରକାରୀ ଆକଳନ ହିସାବରେ ୨୧୨ରୁ ଊର୍ଦ୍ଧ୍ୱ ନୂଆ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହେଉଛି। କିନ୍ତୁ ଜିଲାରେ ଶିଳ୍ପର ବିକାଶ କାହିଁକି ହୋଇପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପଟ୍ଟାମୁଣ୍ଡାଇ ବ୍ଲକ ବେଲତଳ ଗାଁର ଗୀତାଞ୍ଜଳି ମହାପାତ୍ର ପିଏମ୍ଇଜିପିରେ ଋଣ ସହାୟତା ଆଣି ଥଣ୍ଡା ପାନୀୟ ଫ୍ୟାକ୍ଟ୍ରି କରିବାକୁ ୨୦୨୨ରେ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ କରିଥିଲେ। ପରେ ସମ୍ପୃକ୍ତ ଋଣକୁ ଅନୁମୋଦନ ମିଳିଥିଲେ ମଧ୍ୟ ୨୦୨୪ ମାର୍ଚ୍ଚ ସୁଦ୍ଧା ସ୍ଥାନୀୟ ବ୍ୟାଙ୍କରୁ ତାଙ୍କୁ ଋଣ ମିଳିପାରିଲା ନାହିଁ। ଏପରି ଅନେକ ବେକାର ଯୁବତୀଯୁବକ ବ୍ୟାଙ୍କକୁ ଦୌଡି ଦୌଡି ନିରାଶ ହେଉଥିବା ଦେଖିବାକୁ ମିଳିଛି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଓ ବନ୍ଧକ ରଖିବା ପାଇଁ ସ୍ଥାବର ସମ୍ପତ୍ତି ନ ଥିବାରୁ ଋଣ ମିଳିପାରୁନାହିଁ ବୋଲି ଜଣାପଡ଼ିଛି। ଯଦି ବନ୍ଧକ ନ ରଖିଲେ ଋଣ ମିଳିବ ନାହିଁ ତେବେ ପିଏମ୍ଇଜିପିର (ସିଜିଟିଏମ୍ଏସ୍) ଉଦ୍ଦେଶ୍ୟ କିପରି ପୂରଣ ହେବ ବୋଲି ଆବେଦନକାରୀ ଗୀତାଞ୍ଜଳି କହିଛନ୍ତି। ଅନ୍ୟପକ୍ଷେ ଏକ ରାଷ୍ଟ୍ରାୟ ବ୍ୟାଙ୍କର ଅଧିକାରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଅନାଦାୟ ଋଣ ତାଲିକା ବହୁତ ଲମ୍ବା। ତେଣୁ ବାଧ୍ୟ ହୋଇ ବିନା ବନ୍ଧକରେ ଋଣ ଦେବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ସେ କହିଛନ୍ତି। କଷଣଅଣ୍ଡା ଗାଁର ରୀତାରାଣୀ ବାରିକ ଅଣୁ ଉଦ୍ୟୋଗପତି କହିଛନ୍ତି, ଜିଲା ଶିଳ୍ପ କେନ୍ଦ୍ରରୁ ଇଡିପି ଟ୍ରେନିଂ ନେଇ ଏକ ମସଲା ଉଦ୍ୟୋଗ କରିବାକୁ ପିଏମ୍ଇଜିପି ଜରିଆରେ ୮ଲକ୍ଷ ଋଣ ଆବେଦନ କରିଥିଲେ। ଏକ ରାଷ୍ଟ୍ରାୟ ବ୍ୟାଙ୍କରୁ ଅବଶ୍ୟକଠାରୁ କମ୍ ସାଢେ ୩ ଲକ୍ଷ ଟଙ୍କା ଋଣ ୨୦୧୯ରେ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଆବଶ୍ୟକ ଅର୍ଥ ବ୍ୟକ୍ତିଗତ ଟଙ୍କା ଲଗାଇ ଉଦ୍ୟୋଗ ପ୍ରତିଷ୍ଠା କଲି। ଲକ୍ ଡାଉନ ସମୟରେ ପ୍ରତିଷ୍ଠା ହୋଇଥିବା ଅଣୁ ଉଦ୍ୟୋଗ କ୍ଷତିଗ୍ରସ୍ତ ହୋଇ ଚାଲିଛି। ଯଦି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ଅର୍ଥ ବ୍ୟାଙ୍କ ପ୍ରଦାନ କରିଥାନ୍ତା, ତେବେ ଏହି ମସଲା ଉଦ୍ୟୋଗ ୫ରୁ ୧୦ ଜଣଙ୍କୁ ନିଯୁକ୍ତି ଦେବା ସହ ନିଜେ ଉପକୃତ ହୋଇପାରିଥାନ୍ତେ ବୋଲି ସେ କହିଛନ୍ତି। ଉଦ୍ୟୋଗ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲାକୁ ଆଗକୁ ବଢ଼ାଇବାକୁ ଯେଉଁ ସାମଗ୍ରିକ ଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକମାନେ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ କରୁଥିଲେ ମଧ୍ୟ ସବୁକ୍ଷେତ୍ରରେ ଆର୍ଥିକ ସହାୟତା ପାଇପାରୁନାହାନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ ସ୍ମଲ ସ୍କେଲ ଉଦ୍ୟୋଗ ହୋଇ ତାହା ଅଳ୍ପଦିନ ପରେ ବନ୍ଦ ହୋଇଯାଉଛି। ଏହାର କାରଣ ନା ଡିଆଇସି ଅଧିକାରୀ ବୁଝୁଛନ୍ତି ନା ବ୍ୟାଙ୍କ ଅଧିକାରୀ। ସେମାନେ କେବଳ ଟାର୍ଗେଟ ପୂରଣରେ ବ୍ୟସ୍ତ ରହୁଛନ୍ତି। ଯେଉଁ ଉଦ୍ୟୋଗ ଋଣ ଖିଲାପ କରୁଛି ତାକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ଏମ୍ପିଏ ଲିଷ୍ଟ କରି ବ୍ୟାଙ୍କ ବ୍ଲାକ ମେଲିଂ କରିବା ଆରମ୍ଭ କରି ଦେଉଛନ୍ତି। ଏପରିସ୍ଥଳେ ସେ ବ୍ୟାଙ୍କ ସୁଧ ଦେବା ଲାଗି ଜମିବାଡ଼ି ବିକିବାକୁ ବାଧ୍ୟ ହେଉଛନ୍ତି। ବ୍ୟବସାୟ ବନ୍ଦ କରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇଯାଉଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆଳି, ୨୫।୨ (ବନମାଳୀ ସେନାପତି)

ଆଳି ବ୍ଲକ ନିଆଳ ପଞ୍ଚାୟତ ଖେଳ ପଡ଼ିଆଠାରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଗଠନର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମନ୍ତ୍ରୀ ପ୍ରତାପ ଦେବ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଜଗନ୍ନାଥ ମନ୍ଦିରରୁ ରୂପାନ୍ତରଣ ଆରମ୍ଭ କରି ଗ୍ରାମାଞ୍ଚଳରେ ଥିବା ମଠ, ମନ୍ଦିରର ବିକାଶ, ସ୍କୁଲ, କଲେଜ ରୂପାନ୍ତରଣ, ପଞ୍ଚାୟତବାସୀଙ୍କୁ ମୋ ବ୍ୟାଙ୍କ ସୁବିଧା, ଗମନା ଗମନ ନିମନ୍ତେ ଗାଁରେ ଲକ୍ଷ୍ମୀ ବସ୍ ଗଡୁଛି। ଏଭଳି ଅନେକ ଯୋଜନା ମଧ୍ୟରେ ଆଳି ଅଞ୍ଚଳର ପ୍ରତି ପରିବାର କିପରି ଘରେ ପିଇବା ପାଣି ପାଇବେ ସେ ନେଇ ୨୬୦କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି, ଯାହାକି ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହୋଇ ଆଳି ବ୍ଲକର ଘରେ ଘରେ ପାଣି ପହଞ୍ଚି ପାରିବ। ଏଭଳି ଭାବେ ଅନେକ ଯୋଜନା କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷ ମିନତି ବାରିକ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ସରପଞ୍ଚ ଅଶୋକ ମଲ୍ଲିକ, ସମିତିସଭ୍ୟ ସନ୍ତୋଷ ପଢ଼ିହାରୀ, ନାଏବ ସରପଞ୍ଚ ଦ୍ରୌପଦୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଆଳି, ୨୫।୨ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନ ମଣ୍ଡଳୀର ଆଳି ବ୍ଲକରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ ସହ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମନ୍ତ୍ରୀ ଦେବ ରବିବାର ଆଳି ତହସିଲ ପରିସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆଳି ବାର ଆସୋସିଏଶନର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଆଳି ବାର ଆସୋସିଏଶନର ସଭାପତି ଚିରଞ୍ଜିବି ଦାସ, ସମ୍ପାଦକ ଅକ୍ଷୟ ମଲ୍ଲିକଙ୍କ ସମେତ ବାର ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ୧୧ କୋଟି୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଆଳି ଫୁଟବଲ ଏକାଡେମୀର ଶୁଭାରମ୍ଭ କରିଥିଲେ। ପରେ ପୂର୍ତ୍ତ ବିଭାଗ ପକ୍ଷରୁ ୮ କୋଟି ଟଙ୍କା ବ୍ୟୟରେ ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିରର ରୂପାନ୍ତିକରଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରା ଯାଇଥିଲା। ଏହାପରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଲୋକାପଡାରେ ନିର୍ମିତ ୟଙ୍ଗ ବ୍ରାଇଟ ଷ୍ଟାର କ୍ଲବ ଉଦ୍‌ଘାଟନ କରିବା ସହିତ ଲୋକପଡାରୁ ଲକ୍ଷ୍ମୀବରାହ ଜୀଉ ମନ୍ଦିର ପର୍ଯ୍ୟନ୍ତ ୨୦ ଲକ୍ଷ ବ୍ୟୟରେ ନିର୍ମିତ ଆଲୋକୀକରଣ ପ୍ରକଳ୍ପକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଜୟରାମ ସାହୁ, ଉପାଧ୍ୟକ୍ଷା ମିନତି ବାରିକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ, ସୁକାନ୍ତ ରାଉତ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଦେମାଳ ସରପଞ୍ଚ ରିତାରାଣୀ ପରିଡା, ଆଳି ଆଥଲେଟିକ ଆସୋସିଏଶନ ସମ୍ପାଦକ ବିଜୟାନନ୍ଦ ସେନାପତିଙ୍କ ସମେତ ସାଧାରଣ ଲୋକ ଉପସ୍ଥିତ ଥିଲେ।


ମନ୍ତ୍ରୀ ପ୍ରତାପ କେଶରୀ ଦେବ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

## ମନ୍ତ୍ରୀଙ୍କ ଦ୍ୱାରା ନୂତନ, ବର୍ଦ୍ଧିତ ଭତ୍ତା ବଣ୍ଟନ

ରାଜକନିକା, ୨୫।୨ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତର ଆୟତନ ହାଇସ୍କୁଲ ପଡିଆଠାରେ ବ୍ଲକ ପ୍ରଶାସନ ଆୟୋଜନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ୧୦ଟି ପଞ୍ଚାୟତରୁ ଆସିଥିବା ନୂତନ ଓ ପୁରାତନ ହିତାଧିକାରୀଙ୍କୁ ଭତ୍ତା ସହ ବ୍ୟାଗ ବଣ୍ଟନ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କିପରି ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଷାକ ଅନୁଦାନ ରାଶି ଏକ ହଜାର ଏବଂ ୨ ହଜାର ଟଙ୍କା ପାଇ ପାରିବେ, ସେ ନେଇ ସଚେତନତା କରାଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଯେଉଁ ଯେଉଁ ସଫଳ ଯୋଜନା ଗୁଡିକ ପ୍ରଣୟନ କରିଛନ୍ତି ସେ ସମ୍ପର୍କରେ ମନ୍ତ୍ରୀ ଦେବ କହିଥିଲେ। ଏଥିରେ ଅତିଥି ଭାବେ ବିଡିଓ ପୃଥ୍ୱୀରାଜ ପରିଡ଼ା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ଅମିତା ସାହୁ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ତ୍ରୈଲୋକ୍ୟପୁର ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ, ସମିତିସଭ୍ୟ ଦାମୋଦର ସ୍ୱାଇଁ, ମିଶନ ଶକ୍ତି ବ୍ଲକ ସଂଯୋଜକ ସୁଶାନ୍ତ ମଲିକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜିତ ପରିଡା, ଜିଆରଏସ୍ ଦାମୋଦର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୧୦ଟି ପଞ୍ଚାୟତର ଜନ ପ୍ରତିନିଧି, ବ୍ଲକ ପ୍ରଶାସନର କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।


ମନ୍ତ୍ରୀ ପ୍ରତାପ ଦେବ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

## ପଟ୍ଟାମୁଣ୍ଡାଇକୁ ହରାଇ ଆଳି-ମାର୍ଶାଘାଇ ବିଜୟୀ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

### ଏସ୍‌ୟୁଜେ କେନ୍ଦ୍ରାପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡ଼ା, ୨୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ ପକ୍ଷରୁ ଜିଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଆୟୋଜିତ ହୋଇଛି। ଫାଇନାଲ ମ୍ୟାଚରେ ପଟ୍ଟାମୁଣ୍ଡାଇ ଟିମ୍‌କୁ ହରାଇ ଆଳି-ମାର୍ଶାଘାଇ ଟିମ୍ ବିଜୟୀ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ସରିତା ସାହୁ, ଏଡିଏମ୍ ପୀତାମ୍ବର ସାମଲ, ସାମାଜିକ କର୍ମୀ ଜ୍ୟୋସ୍ନା ପରିଡା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଏସ୍‌ୟୁଜେର ପଟ୍ଟାମୁଣ୍ଡାଇ, ଆଳି-ମାର୍ଶାଘାଇ, କେନ୍ଦ୍ରାପଡା-ଡେରାବିଶ ଓ ପୌରାଞ୍ଚଳ କାଉନସିଲରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ପଟ୍ଟାମୁଣ୍ଡାଇ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୬୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଆଳି-ମାର୍ଶାଘାଇ ଟିମ୍ ୬ ଓଭରରେ ମୋଟ ୬୩ ରନ କରି ବିଜୟୀ ହୋଇଥିଲା।

ଉଦ୍‌ଯାପନୀ ସଭାରେ ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାସ ନାୟକ, ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରଣଜିତ ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜିଲା ଭାଜପା ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତ, ଯୁବନେତା ସିଦ୍ଧାର୍ଥ ଦାସ, ମାଇଁ ଲାଇଫଲାଇନ ନିର୍ଦ୍ଦେଶକ ଦେବେନ୍ଦ୍ର ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଟିମ୍ ଓ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

ଏହି ଅବସରରେ କର୍ମଜୀବୀ ଖବରଦାତାଙ୍କ ବିଭିନ୍ନ ସମସ୍ୟା ମଧ୍ୟରେ ସଙ୍ଗଠିତ ରହିବାର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ଏସ୍‌ୟୁଜେ ଜିଲା ସଭାପତି ଦଇତାରି ଜେନା ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଖେଳକୁ ଉପସଭାପତି ଅସିତ କୁମାର ପଣ୍ଡା, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ସହସମ୍ପାଦକ ସଞ୍ଜୀବ ପଣ୍ଡା, ଆକାଶ ଦାସ, ଅଲେଖ ନାୟକଙ୍କ ସମେତ ବିଭିନ୍ନ ବ୍ଲକର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।

## ଆପରାଧିକ ମାମଲାରେ ସମ୍ପୃକ୍ତି ଅଭିଯୋଗ: ୨ ଗିରଫ

କୁଜଙ୍ଗ, ୨୫।୨ (ମନୋଜ ପ୍ରଧାନ)

ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତି ଅଭିଯୋଗରେ କୁଜଙ୍ଗ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ପିନୁ ଗୋଚ୍ଛାୟତ ଓ ବିଜୟ ମାଲିକ। ଏନେଇ ଥାନାରେ ମାମଲା (ନଂ. ୮୪/୨୪) ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କ ନାମରେ ପୂର୍ବରୁ ରାହାଜାନି, ବେଆଇନ ନିଶା କାରବାର, ମରଣାନ୍ତକ ଆକ୍ରମଣ ଭଳି ମାମଲା ରହିଛି। କିଛିମାସ ପୂର୍ବରୁ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରୋଶମୂଳକ ମନୋଭାବ ରଖି ପିନୁ ଓ ବିଜୟ ଆକ୍ରମଣ କରିଥିଲେ। ୨୦୨୩ ଅକ୍ଟୋବର ଓ ଡିସେମ୍ବରରେ ପର୍ଯ୍ୟାୟକ୍ରମେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଜାମିନରେ ଆସିବା ପରେ ପୁନର୍ବାର ସେହି ବ୍ୟକ୍ତିଙ୍କୁ ଆକ୍ରମଣ ସହ ଧମକ ଦେବା ଅଭିଯୋଗରେ ପୋଲିସ ଉଭୟଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।

## କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

### ଏନ୍‌ଏସିରୁ ଆଳି, ରାଜକନିକା ବାଦ୍ ପଡ଼ିବା ପ୍ରସଙ୍ଗ

ଆଳି, ୨୫।୨ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲାର ଆଳି ଓ ରାଜକନିକା ବ୍ଲକ ଏନଏସି ମାନ୍ୟତା ପାଇବାରୁ ବଞ୍ଚିତ ହୋଇ ଥିବାରୁ ଏହାର ପ୍ରତିବାଦରେ ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ କୁଶ ପୁତ୍ତଳିକା ରବିବାର ଦାହ କରାଯାଇଛି। ଏ ନେଇ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ନିଆଳ ହାଟ ଛକଠାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ ଶକ୍ତିମନ୍ତ୍ରୀ ତଥା ଆଳିର ବିଧାୟକ ଦେବଙ୍କ ବିରୋଧରେ ନାରା ଦେଇଥିଲେ। ଏ ନେଇ ଦେବେନ୍ଦ୍ର ଶର୍ମା କହିଛନ୍ତି ଯେ, ଦୀର୍ଘଦିନ ହେବ ଆଳିରେ ନିର୍ବାଚିତ ହେଉଥିବା ଲୋକ ପ୍ରତିନିଧିମାନେ ଆଳି ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଦୀର୍ଘବର୍ଷ ପୂର୍ବେ ଆଳିର ୧୧ଟି ଗାଁ ଓ ରାଜକନିକାର ୧୧ଟି ଗାଁ ସହରାଞ୍ଚଳ ଘୋଷଣା ହୋଇଥିବା ବେଳେ ତାହା ଏନଏସି ହୋଇପାରିଲା ନାହିଁ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ ଆଳିର ବିଧାୟକ ତଥା ମନ୍ତ୍ରୀ ଦେବଙ୍କୁ ଦାୟୀ କରି କୁଶ ପୁତ୍ତଳିକା ଦାହ କରାଯାଇଛି। ଏ ସମ୍ପର୍କରେ ଶକ୍ତିମନ୍ତ୍ରୀ ଓ ବିଧାୟକ ଦେବଙ୍କୁ ପଚାରିବାରେ ସହରାଞ୍ଚଳ ହେଲେ ଲୋକମାନେ ଏବେ ଯେଉଁ ସୁବିଧା ପାଉଛନ୍ତି ତାହା ପାଇବେ ନାହିଁ। ରାଜ୍ୟ ସରକାର ଯେଉଁ ନୀତି ନିର୍ଦ୍ଧାରଣ କରିଛନ୍ତି ଖୁବ୍‌ଶୀଘ୍ର ଆଳି ଓ ରାଜକନିକା ମଧ୍ୟ ସେଥିରେ ସାମିଲ ହେବ। ବିରୋଧୀ ଦଳ ହିସାବରେ ସେମାନେ ସମାଲୋଚନା କରିବେ। କିନ୍ତୁ ସାଧାରଣ ଲୋକ ଭୋଟ ଦେଇ ଲୋକପ୍ରତିନିଧି କରିଥିବାରୁ ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ସେମାନେ ପାଳନ କରୁଛନ୍ତି। ସାଧାରଣ ଲୋକଙ୍କ ଆବଶ୍ୟକତାକୁ ବିଜେଡି ପୂରଣ ନିମନ୍ତେ ପ୍ରତିଜ୍ଞା ବଦ୍ଧ ବୋଲି ସେ କହିଥିଲେ।



ବୈଠକରେ ଯୋଗ ଦେଇଥିବା କଂଗ୍ରେସ ନେତାମାନେ।

## ଆଗାମୀ ନିର୍ବାଚନରେ କଂଗ୍ରେସ ସଙ୍ଗଠିତ ହୋଇ ଲଢ଼ିବ

ରାଜନଗର, ୨୫।୨ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ଅଂଶୁମାନଙ୍କ ସହ ବ୍ଲକ, ପଞ୍ଚାୟତସ୍ତରୀୟ କର୍ମକର୍ତ୍ତାମାନେ ବିଜେଡିରେ ସାମିଲ ହୋଇଛନ୍ତି। ଅଂଶୁମାନ ଦଳ ଛାଡ଼ିବା ପରେ ରବିବାର କଂଗ୍ରେସ ପକ୍ଷରୁ ପ୍ରଥମଥର ପାଇଁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ରାଜନଗର ବ୍ଲକ କଂଗ୍ରେସ କମିଟି କାର୍ଯ୍ୟାଳୟ ଉଦ୍‌ଘାଟନ କରାଯିବା ସହ ଖବରଦାତା ସମ୍ମିଳନୀ କରି ଆଗାମୀ ନିର୍ବାଚନରେ କଂଗ୍ରେସ ସଙ୍ଗଠିତ ହୋଇ ଲଢ଼ିବ ବୋଲି କୁହାଯାଇଛି। କଂଗ୍ରେସର ରାଜ୍ୟ ଓବିସି ସେଲ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ରାଉତରାୟ ରାଜନଗରଠାରେ ଖବରଦାତା ସମ୍ମିଳନୀ କରି କଂଗ୍ରେସ ଦଳ ଅଛି, ଆଗାମୀଦିନରେ ରହିବ ଓ ଆଗାମୀ ନିର୍ବାଚନରେ ସଙ୍ଗଠିତ ହୋଇ ଲଢ଼ି ଭଲ ପ୍ରଦର୍ଶନ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି। ପୂର୍ବତନ ଜିଲା ସଭାପତି ଅଂଶୁମାନଙ୍କ ସହିତ ଛାତ୍ର, ମହିଳା, ଯୁବ ଓ



ଖବରଦାତା ସମ୍ମିଳନୀରେ ରାଜନେତାମାନେ।

ବ୍ଲକର କର୍ମକର୍ତ୍ତାମାନେ ବିଜେଡିରେ ଯୋଗ ଦେଇଥିବାରୁ କଂଗ୍ରେସ ନୂତନ କର୍ମକର୍ତ୍ତା ଚୟନ କରି ଦଳକୁ ସଙ୍ଗଠିତ କରିବ। ପ୍ରକୃତ କଂଗ୍ରେସ କର୍ମୀ କଂଗ୍ରେସ ସହ ଅଛନ୍ତି। କର୍ମକର୍ତ୍ତା ଓ ଅଂଶୁମାନଙ୍କ ସହ କଂଗ୍ରେସ ଭୋଟ ବିଜେଡିକୁ ଯିବନି। ୧୫ରୁ୨୦ଦିନ ମଧ୍ୟରେ କଂଗ୍ରେସ ପୁଣି ଜୋସର ସହ ଲଢେଇ କରିବ ଓ ନିର୍ବାଚନ ଲଢ଼ିବ। ୨୦୧୯ ପରଠାରୁ ହାଇକମାଣ୍ଡଙ୍କ ପ୍ରତି ଅଂଶୁମାନଙ୍କ ସମ୍ମାନ ନ ଥିଲା। କଂଗ୍ରେସ ଅଫିସରେ ରଙ୍ଗ ମରା ହୋଇ ଅଲଗା ରଙ୍ଗ ହୋଇଥିଲା, ହାଇକମାଣ୍ଡଙ୍କ ଫଟୋ, ବ୍ୟାନର ଓ ଦଳୀୟ ସିମ୍ବଲ ନ ଥିଲା। ଅଂଶୁମାନଙ୍କ କାର୍ଯ୍ୟକଳାପ ସମ୍ପର୍କରେ ରାଜନଗର ଓ ପଟ୍ଟାମୁଣ୍ଡାଇବାସୀ ଅବଗତ ଅଛନ୍ତି। ୨୦୧୪ରେ ଅଂଶୁମାନ ୪୯ ପ୍ରତିଶତ ଭୋଟ ପାଇ ବିଧାୟକ ହୋଇଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ଏହି ଭୋଟ ୨୮ ପ୍ରତିଶତକୁ ଖସି ଆସିଥିଲା। କଂଗ୍ରେସ ଜଲା ପରିଷଦ ନିର୍ବାଚନରେ ମାତ୍ର ୪୪ ହଜାର ଭୋଟ ପାଇଥିଲା। ୨୦୨୪ ବିଧାନସଭା ନିର୍ବାଚନରେ କଂଗ୍ରେସ ପଞ୍ଚାୟତ ନିର୍ବାଚନଠାରୁ ଭଲ ପ୍ରଦର୍ଶନ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି। ପିସିସି ସଭାପତି ଓ ପ୍ରଭାରୀ ଅଜୟ କୁମାରଙ୍କ ନିର୍ଦ୍ଦେଶରେ ରାଜନଗରରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ ହେବା ସହ କଂଗ୍ରେସ କର୍ମୀଙ୍କୁ ଏକଜୁଟ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି ବୋଲି ରାଉତରାୟ କହିଛନ୍ତି। ଏହି ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ଏସି ସେଲର ସଭାପତି ସର୍ବେଶ୍ୱର ସେଠୀ ଓ ବରିଷ୍ଠ ନେତା ହେମନ୍ତ କୁମାର ମିଶ୍ର, ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

ଫିରିଙ୍ଗିଆ,୨୫।୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ମାଣ୍ଡ୍ରିପଡ଼ା ସାଡ଼ିଙ୍ଗିଆ ମୁଖ୍ୟ ରାସ୍ତା ଯାଜେସପଙ୍ଗା ଗାଁରେ ରବିବାର ଏକ ବାଇକ୍ ଦୁର୍ଘଟଣାରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନରେ ଥିବା ଉପରପାଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଳମାଲା ଗାଁର ବିଗାନ କହଁରଙ୍କ ପୁଅ ସୁବର୍ଣ୍ଣ। ସେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିଲେ। ଫିରିଙ୍ଗିଆ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି।

### ଜଙ୍ଗଲ ସୁରକ୍ଷା ସଚେତନତା ଶିବିର

ପାରଳାଖେମୁଣ୍ଡି, ୨୫।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ମହେନ୍ଦ୍ର ବନାଞ୍ଚଳ ପକ୍ଷରୁ ମୁଳି ଗୁମ୍ମା ବନ ସୁରକ୍ଷା ସମିତି ଠାରେ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ଶୁଭ୍ରଜିତ, ବନପାଳ ଦୁର୍ଯ୍ୟୋଧନ ଜେନା, ବନରକ୍ଷୀ କେ. ଗିରିଶ କୁମାର, ଲିପିକା ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମୀ ଏବଂ ବନ ସୁରକ୍ଷା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ 'ରହିଲେ ବନ ବଞ୍ଚିବେ ଜନ, ଜଙ୍ଗଲ ସୁରକ୍ଷା ଆମର ଦୀକ୍ଷା, ବନ ପଶୁପକ୍ଷୀ ସୁରକ୍ଷା ପାଇଁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ, ଜଙ୍ଗଲରେ ନିଆଁ ଲାଗିଲେ ଭାଇ, ମିଳି ମିଶି ଆମେ ଦେବା ଲିଭାଇ' ଭଳି ସ୍ଲୋଗାନ ଦେଇ ସଚେତନତା କରାଯାଇଥିଲା।

### ଝୁଲନ୍ତା ମୃତଦେହ ଜବତ

ଗୋପାଳପୁର,୨୫।୨(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗଛରେ ରସି ଲଗାଇ ଝୁଲୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ରବିବାର ପୋଲିସ ଜବତ କରିଛି। ସେ ହେଲେ ଜାଲାରୀପେଣ୍ଠ ଗ୍ରାମ ବି ରାଙ୍ଗା ରାଓ (୪୪)। ଏହି ଥାନା ଅଧିନ ଜାଲାରୀପେଣ୍ଠ ଗ୍ରାମର ଶେଷ ଭାଗରେ ରାଙ୍ଗା ରାଓ ରହୁଥିଲେ। କୌଣସି କଥାକୁ ନେଇ ରାଙ୍ଗା ରାଓ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗ୍ରାମ ନିକଟସ୍ଥ ୨ କିମି ଦୂରରେ ଥିବା ଜଙ୍ଗଲରେ ଏକ ଗଛରେ ରସି ଲଗାଇ ରାଙ୍ଗା ରାଓ ଝୁଲି ପଡ଼ିଥିଲେ। ସ୍ଥାନୀୟ ଲୋକ ଦେଖି ଗୋଳନ୍ଥରା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ନଂ. ୫/୨୪ ପ୍ରକାରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହବ ବୋଲି ପୋଲିସ କହିଛି।

### କାଲୁଆ ଷଣ୍ଢ ଯାତ୍ରା ଉଦ୍‌ଯାପିତ

ନୟାଗଡ,୨୫।୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ସବ୍‌ଜେଲ ନିକଟସ୍ଥ କାଲୁଆ ଷଣ୍ଢ ପାହାଡର ପାଦଦେଶରେ ପ୍ରଭୁ ଶ୍ରୀ ରଘୁନାଥଙ୍କର ୬ ଦିନ ଧରି କାଲୁଆ ଷଣ୍ଢ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ତାରିଖରେ ଯାତ୍ରା ଆରମ୍ଭ ହୋଇଥିବାବେଳେ ଶନିବାର ଯାତ୍ରା ଶେଷ ହୋଇ ଯାଇଛି। ୭୪ ବର୍ଷ ଧରି ଏଠାରେ ଯାତ୍ରା ହୋଇ ଆସୁଛି। ଯାତ୍ରା ଅବସରରେ ପ୍ରତ୍ୟହ ଦିନରାତିରେ ପୌରାଣିକ ନାଟକ ହୋଇଥିଲା। ଏ ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ସଭାପତି ଯୁଗଳ ଚରଣ ମହାପାତ୍ର, ସମ୍ପାଦକ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ସ୍ୱପ୍ନ ସଫଳ ହେଲା: କଣ୍ଟିଲୋକୁ ଏନ୍‌ଏସିର ମାନ୍ୟତା

## ବିଭିନ୍ନ ମହଲରେ ଖୁସିର ଲହରି

ଖଣ୍ଡପଡା,୨୫।୨ (ଅଜୟ କୁମାର ମହାରଣା)


ଏନ୍‌ଏସି ହେବା ପୂର୍ବରୁ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ନକ୍ସା ଦେଖୁଛନ୍ତି।

ଦୀର୍ଘବର୍ଷ ପରେ ରାଜସ୍ୱ ଗ୍ରାମ ଭାବେ ପରିଚିତ କଣ୍ଟିଲୋ ପଞ୍ଚାୟତକୁ ଏନ୍‌ଏସିର ମାନ୍ୟତା ମିଳିବା ପରେ ବିଭିନ୍ନ ମହଲରେ ଖୁସିର ଲହର ଖେଳିଯାଇଛି। ତେବେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୀଳମାଧବ କ୍ଷେତ୍ର କଣ୍ଟିଲୋ ପଞ୍ଚାୟତ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ର ମାନ୍ୟତା ଦେବା ପାଇଁ ଗତ ୨୦୧୭ରୁ କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପିତ ହୋଇ ଆସୁଥିଲା। ତେବେ ସ୍ଥାନୀୟ ଅଞ୍ଚଳର କେତେଜଣି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏ ଦିଗରେ ଅନ୍ତରାୟ ସୃଷ୍ଟି କରି ଆସୁଥିଲେ। ହେଲେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ପୂର୍ବତନ ସରପଞ୍ଚ ପ୍ରତାପ କୁମାର ସାହୁ, ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ନାଗରିକ ମଞ୍ଚର ସଦସ୍ୟାସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ବହୁ ସଚେତନ ନାଗରିକଙ୍କ ଅବିରତ ଚେଷ୍ଟା ଆଜିର ସଫଳତା ପାଇଁ ଶ୍ରେୟ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷ କରି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କ ଖଣ୍ଡପଡ଼ା ଗସ୍ତ କାର୍ଯ୍ୟକ୍ରମରେ କଣ୍ଟିଲୋକୁ ଏନଏସିର ମାନ୍ୟତା ପ୍ରଦାନ ପାଇଁ ନାଗରିକ ମଞ୍ଚ ପକ୍ଷରୁ ଲିଖିତ ଭାବରେ ଦାବି ଉପସ୍ଥାପନ କରାଯାଇଥିଲା। ଏହାକୁ ଗୁରୁତ୍ୱର ସହ ରାଜ୍ୟ ସରକାର ବିଚାର କରି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାଯାଇଛି। ଏ ନେଇ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘ ୪୦ ବର୍ଷ ପୂର୍ବରୁ କଣ୍ଟିଲୋ ରାଜସ୍ୱ ଗ୍ରାମକୁ ସରକାରୀ ସ୍ତରରେ ସିଟି (ସେନ୍ସସ ଟାଉନ) ଭାବେ ମାନ୍ୟତା ପ୍ରଦାନ କରାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଅପରପକ୍ଷରେ ନୀଳମାଧବ ପୀଠ କଣ୍ଟିଲୋକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ଦେବା ପାଇଁ ୨୦୧୭ ମସିହାରୁ କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଆବେଦନ କରାଯାଇଥିଲା। ଅପରପକ୍ଷରେ କଣ୍ଟିଲୋକୁ ଏନଏସିର ମାନ୍ୟତା ମିଳିବା ପାଇଁ ପଞ୍ଚାୟତର ନିଷ୍ପତ୍ତିକ୍ରମେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସୁପାରିସକ୍ରମେ କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ନୟାଗଡ଼ ଜିଲା ପ୍ରଶାସନ ସମେତ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆବଶ୍ୟକ ଦରଖାସ୍ତ ସହ ଫର୍ମାଟ ଦାଖଲ କରାଯାଇଥିଲା। ଏହାଛଡା ୨୦୨୧ ନଭେମ୍ବର ୧୮ରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ତତ୍‌କାଳୀନ ରାଜ୍ୟ ସହରାଞ୍ଚଳ ବିକାଶ ବିଭାଗ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ସାକ୍ଷାତ କରି କଣ୍ଟିଲୋକୁ ଏନଏସିର ମାନ୍ୟତା ପ୍ରଦାନ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ୨୦୨୨ ସେପ୍ଟେମ୍ବର ୧ରେ ନୟାଗଡ଼ ତତ୍କାଳୀନ ଜିଲାପାଳ ଡ. ପୋମା ଟୁଡୁଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ କଣ୍ଟିଲୋ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାଠାରେ କଣ୍ଟିଲୋ ନାଗରିକ ମଞ୍ଚ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରୀ ବିଧି ବ୍ୟବସ୍ଥା କ୍ରମେ କଣ୍ଟିଲୋ ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏନଏସିର ମାନ୍ୟତା ଦେବାକୁ ଏଠାରେ ରହିଥିବା ଆବଶ୍ୟକ ଭିତ୍ତିଭୂମି ସହିତ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା, ସ୍କୁଲ, କଲେଜ, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା, ମାର୍କେଟ ଓ ଜନସଂଖ୍ୟା ଆଦି ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ, ନକ୍ସା ଓ ପଞ୍ଚାୟତର ପାରିପାର୍ଶ୍ୱିକ ସ୍ଥିତି ବିଷୟରେ ଉପସ୍ଥିତ ବ୍ୟକ୍ତିମାନଙ୍କ ସହ ଅତିରିକ୍ତ ତହସିଲଦାର ମଲ୍ଲିକ ଆଲୋଚନା କରିଥିଲେ। ପରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ଜିଲା ପ୍ରଶାସନଙ୍କୁ ଏ ବିଷୟରେ ରିପୋର୍ଟ ଦାଖଲ କରାଯାଇଥିଲା।

# ଭାପୁରରେ ବିଜେଡି କର୍ମୀ ସମ୍ମିଳନୀ

ଭାପୁର,୨୫।୨ (ଭରତ କୁମାର ବେହେରା)

ଶନିବାର ଭାପୁର ବାଇପାସ ନିକଟସ୍ଥ ଶ୍ରୀରାମ ବିହାର କଲ୍ୟାଣ ମଣ୍ଡପ ପରିସରରେ ଭାପୁର ବିଜୁଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଙ୍ଗଠକ ମଧୁସୂଦନ ରଥଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଭାପୁର ବ୍ଲକ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ,ବରିଷ୍ଠ ସଂଗଠକ ସନ୍ତୋଷ କୁମାର ତ୍ରିପାଠୀ, ବିଜୁଜନତା ଦଳର ପୂର୍ବତନ ଛାତ୍ର ସଭାପତି ବାଳଗୋପାଳ ଷଡ଼ଙ୍ଗୀ, ଶିକ୍ଷାବିତ୍ ବୈକୁଣ୍ଠ ନାଥ ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟ ସୁଦର୍ଶନ ବେହେରା, ପୂର୍ବତନ ସମିତିସଭ୍ୟ ଗୀତିକାନ୍ତ, ପଣ୍ଡା, ଭାପୁର ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ରମେଶ ଚନ୍ଦ୍ର ବରାଡ, ଫତେଗଡ ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ଯୁଧିଷ୍ଠିର ଖୁଣ୍ଟିଆ, ସମେତ ଭାପୁର ବ୍ଲକର ସମସ୍ତ ପଞ୍ଚାୟତରର ଜନପ୍ରତିନିଧି, ପଞ୍ଚାୟତର ବିଜୁଜନତା ଦଳର ସଭାପତି ଏହି ବୈଠକରେ ଉପସ୍ଥିତ ରହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ପ୍ରସ୍ତାବ ଦେବା ସହ ପ୍ରତି ୱାର୍ଡରୁ ୧୦ ଜଣରୁ ଊର୍ଦ୍ଧ୍ୱ କର୍ମୀ ଏଥିପାଇଁ ଚିଠି ମାଧ୍ୟମରେ ଅନୁରୋଧ କରିବାକୁ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉପସ୍ଥିତ ଥିବା ବିଜେଡି କର୍ମୀମାନଙ୍କୁ କହିଥିଲେ। ଆଗାମୀ ଦିନରେ ଉକ୍ତ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କୁ ୯୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ସଙ୍କଳ୍ପ ନେଇଥିଲେ। ଉପସ୍ଥିତ ସମସ୍ତ କର୍ମୀମାନେ କହିଥିଲେ ସେମାନେ ବିଗତ ଦିନରେ ବିଜେଡିରେ ରହିଥିଲେ ଓ ରହିବେ। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ସଂଗଠନକୁ ସୁଦୃଢ଼ କରିବା ସହିତ ଦଳ ଯେଉଁ କାମ ଓ ନିଷ୍ପତ୍ତି ନେବ ସେ କାମ କରିବେ ବୋଲି ପ୍ରତିଜ୍ଞା କରିଥିଲେ। ସର୍ବେଶ୍ୱର ମହାରଣା ଧନ୍ୟବାଦ ଅର୍ପଣ ଦେଇଥିଲେ।

# ମାର୍ଚ୍ଚ ୩ରେ ହେବ ନୟାଗଡ଼ ସାହିତ୍ୟ ଉତ୍ସବ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ସାହିତ୍ୟିକ ଓ ଅନ୍ୟମାନେ।

## ପ୍ରସ୍ତୁତି ବୈଠକରେ ରୂପରେଖ ପ୍ରସ୍ତୁତ

ନୟାଗଡ଼,୨୫।୨(ଲୋକନାଥ ମିଶ୍ର)

ଶନିବାର ଅପରାହ୍ନରେ ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆ ବିଦ୍ୟାଳୟ ପ୍ରାଙ୍ଗଣରେ ସାହିତ୍ୟ ଉତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ ଆନୁକୂଲ୍ୟରେ ଜିଲାର ସର୍ବବୃହତ୍ ସାରସ୍ୱତ ସମାବେଶ ତୃତୀୟ ନୟାଗଡ଼ ସାହିତ୍ୟ ଉତ୍ସବ ମାର୍ଚ୍ଚ ୩ ତାରିଖ ରବିବାର ହେବା ପାଇଁ ନିଷ୍ପତ୍ତି ହୋଇଛି। ନୟାଗଡ଼ ସହର ଖଣ୍ଡପଡା ରୋଡରେ ଥିବା ବଲାଙ୍ଗୀ ବନ୍ଧ ପ୍ରମୋଦ ଉଦ୍ୟାନ ପରିସରରେ ସାହିତ୍ୟ ଉତ୍ସବ ଆୟୋଜିତ ହେବ ବୋଲି ବିଶିଷ୍ଟ ଲେଖକ ତଥା ଓଡ଼ିଆ ମିଡିଆର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ନୟାଗଡ଼ର ଲେଖକଙ୍କ ଭିତରେ ସହଭାବ ବୃଦ୍ଧି କରିବା ସହ ଆଞ୍ଚଳିକ ସାହିତ୍ୟର ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ୨୦୨୧ରୁ ସାହିତ୍ୟ ଉତ୍ସବ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ଜିଲାର ୮ଟି ବ୍ଲକ୍ ୨୦ରୁ ଊର୍ଦ୍ଧ୍ୱ ସାହିତ୍ୟ ସଙ୍ଗଠନ ଓ ୪ଶହରୁ ଅଧିକ ସାହିତ୍ୟ ଅନୁରାଗୀ ଯୋଗଦେବେ। ଜିଲାର ସମସ୍ତ ମହାବିଦ୍ୟାଳୟରୁ ୨ଶହରୁ ଅଧିକ ଛାତ୍ର ପ୍ରତିନିଧି ମଧ୍ୟ ଏ ଉତ୍ସବରେ ଯୋଗଦେବେ। ଉତ୍ସବ ପୂର୍ବରୁ ସପ୍ତାହବ୍ୟାପୀ ସମସ୍ତ ବ୍ଲକ୍ ସ୍ୱତନ୍ତ୍ର ପ୍ରସ୍ତୁତି ପର୍ବ ଆୟୋଜନର ନିଷ୍ପତ୍ତି ହୋଇଛି। ମାର୍ଚ୍ଚ ୩ ତାରିଖ ଉତ୍ସବରେ ଜିଲ୍ଲା ବାହାରୁ ଶତାଧିକ ସାହିତ୍ୟିକ ଯୋଗଦେବେ। ଏ ଅବସରରେ ଦୁଇଟି ସମାନ୍ତରାଳ ମଞ୍ଚରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସହ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଶନିବାର ପ୍ରସ୍ତୁତି ବୈଠକରେ ଜିଲା ଆବାହକ ବ୍ୟଙ୍ଗକବି ଗିରିଶ ରଞ୍ଜନ ସାହୁ, ନୟାଗଡ଼ ଆବାହକ ଶେଖ ଅବଦୁଲ ଖାଲିକ, ଦଶପଲ୍ଲା ଆବାହକ ତଥା କଥାକାର ହାଡ଼ିବନ୍ଧୁ ମହାକୁଡ଼, ଓଡ଼ଗାଁ ଆବାହକ ଯଶୋବନ୍ତ ପଟ୍ଟନାୟକ, ଭାପୁର ଆବାହକ ନାରାୟଣ ଶୁକ୍ଳା, ଖଣ୍ଡପଡ଼ା ଆବାହକ ଲକ୍ଷ୍ମଣ କୁମାର ନାୟକ, ଗଣିଆ ଆବାହକ ଗିରିଶ ମିଶ୍ର, ରଣପୁର ଆବାହକ ନବକିଶୋର ମିଶ୍ର, ନୂଆଗାଁ ଆବାହକ ଶ୍ରୀଧର ବେହେରାଙ୍କ ସମେତ ପ୍ରମୋଦ ପଟ୍ଟନାୟକ, ନିର୍ମଳ ଚନ୍ଦ୍ର ଶୁରଦେଓ, ଡ. ସୁକାନ୍ତି ମହାନ୍ତି ପ୍ରମୁଖ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ।

# ପ୍ରତିବାଦରେ ମାର୍ଚ୍ଚ ୧ରୁ ଆମରଣ ଅନଶନ

## ଏନ୍‌ଏସିରୁ ବାଦ ପଡିଲା ରାଜସୁନାଖଳା

ନୟାଗଡ଼/ରଣପୁର,୨୫।୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକର ରାଜସୁନାଖଳା ଏନଏସି ମାନ୍ୟତାରୁ ବଞ୍ଚିତ ପରେ ପ୍ରତିବାଦ ସହ ଉଦବେଗ ପ୍ରକାଶ ପାଇଛି। ରାଜସୁନାଖଳାକୁ ଏନଏସି କରାଇବା ଦାବି ନେଇ ମାର୍ଚ୍ଚ ୧ରୁ ଆମରଣ ଅନଶନ ହେବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ। ଏ ନେଇ ରାଜସୁନାଖଳାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ତଥା ଖବରଦାତା ଆତ୍ତତ୍ରାଣ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ ରାଜସୁନାଖଳା ପଞ୍ଚାୟତ ଭାବେ କାର୍ଯ୍ୟ କରି ଆସୁଛି। ସହରାଞ୍ଚଳର ସବୁ ପ୍ରକାର ଭିତ୍ତିଭୂମି ଥାଇ ଅଣଦେଖା ହୋଇ ରହିବା କାରଣରୁ ଆଖିଦୃଶିଆ ବିକାଶ ହୋଇପାରିନାହିଁ। ବର୍ଜ୍ୟବସ୍ତୁ ତଥା ଆବର୍ଜନା ନିଷ୍କାସନ, ଡ୍ରେନେଜ ବ୍ୟବସ୍ଥା, ପାନୀୟ ଜଳ, ବଜାର ଅଞ୍ଚଳର ବିକାଶ ଆଦି କୌଣସି ଉନ୍ନତି ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ପୂର୍ବରୁ ବିଧାନସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜସୁନାଖଳା ସମେତ ରାଜ୍ୟର ଅନେକ ପ୍ରମୁଖ ସ୍ଥାନ ଏନ୍‌ଏସି ମାନ୍ୟତା ପାଇଁ ତାଲିକାଭୁକ୍ତ ରହିଥିବା କୁହାଯାଇଥିଲା। ଜଲା ପ୍ରଶାସନ ପକ୍ଷରୁ ରାଜସୁନାଖଳା ଏବଂ ନରେନ୍ଦ୍ରପୁର ପଞ୍ଚାୟତକୁ ଏ ନେଇ ପତ୍ର ମାଧ୍ୟମରେ ସୂଚିତ କରାଯାଇଥିଲା। ରଣପୁର ତହସିଲ ପକ୍ଷରୁ ଉଭୟ ପଞ୍ଚାୟତକୁ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ କରାଯିବା ପାଇଁ ସୂଚିତ କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ପ୍ରଶାସନର ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିଲାନାହିଁ। ୧୨ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଅଞ୍ଚଳର ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତାକୁ ସରକାର ଉପେକ୍ଷା କରିଥିବା ଅଭିଯୋଗ ଉଠିଛି।

# ସ୍ଥାୟୀ ଘରପଟ୍ଟା ପାଇଁ ଦାବିପତ୍ର ପ୍ରଦାନ

ଧରାକୋଟ,୨୫।୨(ଡି.ଏନ୍.ଏ.)

ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତ ସଦରମହକୁମାର ଏକ ନମ୍ବର ୱାର୍ଡର ଚାରି ଗୋଟି ପରିବାର ଓ ଦୁଇ ନମ୍ବର ୱାର୍ଡର ୨୬ ଗୋଟି ପରିବାର ଗାଁର ତେଲି ସାହିରେ ଶହେରୁ ଅଧିକ ବର୍ଷ ହେଲା ସ୍ଥାୟୀ ଭାବରେ ବସବାସ କରି ଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ତାଙ୍କୁ ସ୍ଥାୟୀ ଘରବାରି ପଟ୍ଟା ପ୍ରଦାନ କରାଯାଇନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ସଂପ୍ରତି ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ ପାଠପଢା ପାଇଁ ପ୍ରମାଣପତ୍ର ଆବଶ୍ୟକ ପଡୁଛି। ଏଣୁ ବାହାରପୁର ତେଲି ସାହିର ତିରିଶ ଗୋଟି ପରିବାରର ମୁଖିଆ ପ୍ରଶାନ୍ତ ସାହୁ, ରତ୍ନମାଳା ସାହୁ, ରାମନାଥ ଭୂୟାଁ, ଯୋଗୀ ବେହେରା, ଅଚ୍ୟୁତ ବେହେରା, ଲାବଣ୍ୟ ସାହୁ ଓ ଝୁନୁ ସାହୁ ପ୍ରମୁଖ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଲିଖିତ ଅଭିଯୋଗ କରି ପଟ୍ଟା ପ୍ରଦାନ ପାଇଁ ଗୁହାରି କରିଛନ୍ତି।

# କଳ୍ପନା ଗୋପାଳ ସମାଜର ପୁନର୍ଗଠନ

ଓଡ଼ଗାଁ,୨୫।୨ (ଆଦର୍ଶ କୁମାର ପଟ୍ଟନାୟକ)


ସାଧାରଣ ଅଧିବେଶନରେ ଯୋଗଦେଇଥିବା ଲୋକମାନେ।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୌଡପୁଟଠାରେ ୪ ରାଜ୍ୟର କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ କଳ୍ପନା ଗୋପାଳ ସମାଜ ପୁନର୍ଗଠନ ପାଇଁ ରବିବାର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ ପ୍ରଧାନ, ଜୟକୃଷ୍ଣ ବାରିକଙ୍କ ଆବାହକତ୍ୱରେ ନୟାଗଡ଼ ରାଜ୍ୟର ସଭାପତି ହାଡିବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ଘୁମୁସର ରାଜ୍ୟ ସଭାପତି ଚକ୍ରପାଣି ବାରିକ, ସମ୍ପାଦକ ଦିଲୀପ ଉଦଣ୍ଡରା, ଜଗନ୍ନାଥ ପ୍ରସାଦ(ଗଞ୍ଜାମ) ରାଜ୍ୟ ସଭାପତି ରମେଶ ବାରିକ, ଦଶପଲ୍ଲା(ନୟାଗଡ଼) ରାଜ୍ୟ ସଭାପତି ଅଭିମନ୍ୟୁ ଖିଲାର ଏବଂ ନୟାଗଡ଼ ରାଜ୍ୟ ସମ୍ପାଦକ ରବିନାରାୟଣ ସାମନ୍ତରାୟ, ସଙ୍ଗଠନ ସମ୍ପାଦକ ପ୍ରହ୍ଲାଦ ପ୍ରଧାନ, କୋଷାଧ୍ୟକ୍ଷ ପ୍ରହ୍ଲାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଅଞ୍ଚଳର ଗୋପାଳ ସମାଜର ପ୍ରାୟ ଅଢେଇ ହଜାର ଲୋକଙ୍କ ସମାଗମ ହୋଇଥିଲା। ସମାଜ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯାଇ ନିର୍ଦ୍ଧାରଣ କରାଯାଇଥିବା ନିୟମକୁ ସମସ୍ତେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ କୁଳଧିପତି ପଦବୀ ପାଇଁ ପ୍ରାର୍ଥୀ ଚୟନ ହୋଇ ପାରି ନ ଥିବା ବେଳେ ଏହା ପରବର୍ତ୍ତୀ ଅଧିବେଶନ ପର୍ଯ୍ୟନ୍ତ ସ୍ଥଗିତ ରହିଲା। ସୂଚନାଥାଉ କି ଗତ ୩ବର୍ଷ ଧରି ସଙ୍ଗଠନ ସୁପ୍ତ ରହିଥିବା ବେଳେ ନୟାଗଡ଼ରୁ ପ୍ରହ୍ଲାଦ ପ୍ରଧାନ, ଜଗନ୍ନାଥ ବାରିକ, ଆଇନଜୀବୀ ନିଳାଞ୍ଚଳ ଖିଲାର ପ୍ରମୁଖଙ୍କ ନିଷ୍ଠାପର ଉଦ୍ୟମ ଫଳରେ ସାଧାରଣ ଅଧିବେଶନ ସଫଳ ହୋଇଥିଲା।

# ଛାତ୍ରୀଛାତ୍ରଙ୍କ ବିକାଶରେ ଅଭିଭାବକ ଶିକ୍ଷକଙ୍କ ସମାନ ଦାୟିତ୍ୱ

ଫୁଲବାଣୀ,୨୫।୨(ରାକେଶ କୁମାର ରାଉତ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମୋହନଦାସ କରମଚାନ୍ଦ ଶିକ୍ଷା ନିକେତନର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୃଜନଶୀଳ ମନୋଭାବର ବିକାଶରେ ଅଭିଭାବକ ଓ ଶିକ୍ଷକ ସମାଜର ଗୁରୁ ଦାୟିତ୍ୱ ରହିଥିବା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ଜେନା ପିଲାଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି ଦିଗରେ ମୋବାଇଲ ଫୋନ୍‌ର କୁପ୍ରଭାବ ସମ୍ପର୍କରେ ଅଭିଭାବକଙ୍କୁ ସତର୍କ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନ ସଭାପତି ବିଜୟକୃଷ୍ଣ ପଟ୍ଟନାୟକ ଅଭିଭାବକ ଶିଶୁଙ୍କ ସହ ଅଧିକ ଆଳାପ କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ସମ୍ପାଦକ ଶରତଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ଉପସଭାପତି ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟ ମହାନ୍ତି, ପ୍ରତାପ ପାତ୍ର, ସଂଗ୍ରାମ ସିଂ ପଟ୍ଟନାୟକ, ପ୍ରଭାତ ଦାସ, ସଚ୍ଚିଦାନନ୍ଦ ମହାପାତ୍ର, ପ୍ରସନ୍ନ ବିଷୋୟୀ, ବିପିନ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର, ସନାତନ ମିଶ୍ର, ଶରତ ପଟ୍ଟନାୟକ, ଶଶୀଭୂଷଣ ପ୍ରଧାନ, ଗୋପୀନାଥ ରାଉତ, ଶିବପ୍ରସାଦ, ମନୋଜ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା ପାଇଁ ଦାବି ଜୋର ଧରିଲା

ଦାରିଙ୍ଗବାଡି,୨୫।୨(ଅରୁଣ ସାହୁ)

## ଡିଜିଟାଲ ମାଧ୍ୟମରେ ସରକାରଙ୍କୁ ନିବେଦନ କରୁଛନ୍ତି ଅଞ୍ଚଳବାସୀ




ଦାରିଙ୍ଗବାଡି ବ୍ଲକର ଦୁର୍ଗମ ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରାଯିବାକୁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ଏହାକୁ ଘୋଷଣା କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଅନେକ ଥର ରାଜ୍ୟ ସରକାରଙ୍କୁ ଦାବି ଜଣାଇବା ସହ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦାବିପତ୍ର ଦେଇଆସିଛନ୍ତି। ଅନେକ ସମୟରେ ଅଞ୍ଚଳବାସୀ ଏକତ୍ରିତ ହୋଇ ବାରମ୍ବାର ବୈଠକ କରି ସରକାରଙ୍କୁ ଚେତାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି, ହେଲେ ଫଳ ଶୂନ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରିପାରନ୍ତି ବୋଲି ଅଞ୍ଚଳବାସୀ ଅନେକ ଆଶା କରିଥିଲେ। ତେବେ ଶନିବାର ରାଜ୍ୟ ସରକାର ରାଜ୍ୟରେ ୨୦ ଜିଲାରେ ୩୪ଟି ନୂଆ ଏନ୍‌ଏସି ଘୋଷଣା କରିଥିଲେ ସୁଦ୍ଧା ଦାରିଙ୍ଗବାଡିକୁ ଏନ୍‌ଏସି ଏବଂ ବ୍ରାହ୍ମଣୀଗାଁକୁ ନୂଆ ବ୍ଲକ ଘୋଷଣା ହୋଇପାରିଲା ନାହିଁ ଫଳରେ ଅଞ୍ଚଳରେ ନିରାଶାଭାବ ଦେଖାଯିବା ସହ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଅଞ୍ଚଳରେ ଆଲୋଚନା ଚାଲିଛି। ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଞ୍ଚଳବାସୀ ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ ଡିଜିଟାଲ ମାଧ୍ୟମରେ ନିବେଦନ କରୁଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦା ଏହି ପ୍ଲାଟଫର୍ମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରୁଥିବା ଭିଡିଓ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ କରି ଭାଇରାଲ କରାଯାଉଛି। ପ୍ରକାଶ ଯେ, ଉକ୍ତ ବ୍ଲକରେ ମୋଟ ୨୫ ପଞ୍ଚାୟତ ରହିଥିବା ବେଳେ ବ୍ଲକ ଅଞ୍ଚଳରେ ୨ ଟି ଥାନା ରହିଛି। ଏଥିସହ ଦୁଇଟି ଜିଲାପରିଷଦ ଜୋନ ରହିଛି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ମୋଟ ଆଠଟି ପଞ୍ଚାୟତ ତଥା କାଟିଙ୍ଗିଆ, କୁମ୍ଭାରୀଗାଁ, ଝିଞ୍ଜିରୀଗୁଡା, ବ୍ରାହ୍ମଣୀଗାଁ, ଗଦାପୁର, ହାତୀମୁଣ୍ଡା, ତାଲୁଙ୍ଗିଆ, ସରାମୁଳି ପଞ୍ଚାୟତ ରହିଛି ଏହି ସବୁ ପଞ୍ଚାୟତକୁ ପକ୍କା ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା ଆଦିର ବିକାଶ ହୋଇପାରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ବ୍ରାହ୍ମଣୀଗାଁରେ ବ୍ଲକ ଗଠନ ଅଭିଯାନ କମିଟିର କାର୍ଯ୍ୟକାରୀ ସଭାପତି ବିକ୍ରମ ବସ୍ତରାୟ କହିଛନ୍ତି ଯେ, ପୁଣି ଆମର ବୈଠକ ବସିବ, ଆମ କମିଟିର ସଭାପତି ଅମୀର ଚାନ୍ଦ ନାୟକଙ୍କ ନେତୃତ୍ୱରେ ପୁଣି ବ୍ରାହ୍ମଣୀଗାଁକୁ ବ୍ଲକ ଘୋଷଣା କରାଯିବାକୁ ଅଞ୍ଚଳବାସୀ ଦାବି କରିବୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଅଟୋ ଚୂରମାର, ୭ ଆହତ

ଦିଗପହଣ୍ଡି,୨୫।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି-ଢଉଗାଁ ୩୨୬ ନଂ. ଜାତୀୟ ରାଜପଥ ଚୁଡ଼ଙ୍ଗପୁର ଗ୍ରାମ ଅଲେଖ ମହିମା ମଠ ନିକଟରେ ଗୋଟାଏ ଅଟୋକୁ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ୭ ଆହତ ହୋଇଛନ୍ତି। ଭ୍ୟାନ ଧକ୍କାରେ ଅଟୋଟି ଚୂରମାର ହୋଇଯାଇଛି। ସୂଚନା ପ୍ରକାରେ, ରବିବାର ମଧ୍ୟାହ୍ନରେ ଅଟୋ (ନଂ ଓଡି଼୦୭ଟି୭୪୨୭)ରେ ୭ରୁ ଊର୍ଦ୍ଧ୍ୱ ଯାତ୍ରୀ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରୁ ଶେରଗଡ଼ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ପିକଅପ୍ ଭ୍ୟାନ (ନଂ ଓଆର ୦୭କେ ୩୬୨୩) ଅଟୋକୁ ଧକ୍କା ଦେବାରୁ ଅଟୋଟି ରାସ୍ତା ପାର୍ଶ୍ୱ ବିଲ ଭିତରକୁ ଚାଲିଯାଇଥିଲା। ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

### ବଡ଼ମାଧପୁରରେ ନୂତନ ଭତ୍ତା ବଣ୍ଟନ

ଛତ୍ରପୁର,୨୫।୨(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତରେ ରବିବାର କଲ୍ୟାଣ ମଣ୍ଡପଠାରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷା ସାଡି ଶାରଦା ରେଡ୍ଡୀ, ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୧୪୫୧ ନୂତନ ହିତାଧିକାରୀ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ବେଳେ ବଡମାଧପୁରରେ ୧୦୭ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ନୂତନ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଭତ୍ତା ଅର୍ଥ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ନାଏବ ସରପଞ୍ଚ ସରଞ୍ଜିତା ପରିଡା, ପୂର୍ବତନ ଜିଲାପରିଷଦ ସଭ୍ୟ ଏସ କିଶୋର ଚନ୍ଦ୍ର ରେଡ୍ଡୀ, ଶିବ ଶଙ୍କର ସେଠୀ, ମହେଶ୍ୱର ପ୍ରଧାନ, ୱାର୍ଡ ମେମ୍ବର ଏସ. ସହଦେବ ରେଡ୍ଡୀ, କ୍ଷେତ୍ର ନାଇକ, କେ ବିଜୟ ରେଡ୍ଡୀ, ରାଜଲକ୍ଷ୍ମୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ବକ୍ସ କଲଭର୍ଟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର, ୨୫।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଗୋଲାମୁଣ୍ଡୁଳା ଠାରେ ଖଲ୍ଲିକୋଟ-ବେଲଗୁଣ୍ଠା ରାସ୍ତାର ନୂତନ ବକ୍ସ କଲଭର୍ଟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ । ଏହି ଅବସରରେ ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଅଶ୍ୱିନୀ ସ୍ୱାଇଁ, ଜିଲା ଉପସଭାପତି ଦିଲ୍ଲୀପ ପାଣିଗ୍ରାହୀ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ବିଜେଡି ଜିଲା ସମ୍ପାଦକ ଅଭିମନ୍ୟୁ ନାହାକ, ଜିଲା ପରିଷଦ ବଳରାମ ପ୍ରଧାନ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଯନ୍ତ୍ରୀ ପୃଷ୍ଟିବାବୁ, ଆସିକା ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ସୁନାରିଝୋଳ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ, ଜିଲ୍ଲା ପରିଷଦ ସଭ୍ୟା ତଥା ପ୍ରାକ୍ତନ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ସଂଗୀତା ସ୍ୱାଇଁ, ନୀଳାଞ୍ଚଳ ମଣ୍ଡଳ, ବିପିନ ବିହାରୀ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ ।

### ଚିକିଟିରେ ଚକ୍ଷୁ ଚିକିତ୍ସା ଶିବିର

ଚିକିଟି,୨୫।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିପେଣ୍ଠ ସ୍ଥିତ କଳିଙ୍ଗ ବୈଶ୍ୟ ସମାଜର ଅନ୍ନପୂର୍ଣ୍ଣା ଭବନଠାରେ ଶନିବାର ସେବା ସଂସ୍ଥାନ ଚିକିଟି ଓ ବ୍ରହ୍ମପୁର ରୁବି ଚକ୍ଷୁ ଚିକିତ୍ସାଳୟ ଏବଂ ଲାସିକ୍ ସେଣ୍ଟରର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅବସରପ୍ରାପ୍ତ ବିଶିଷ୍ଟ ଚକ୍ଷୁ ଡାକ୍ତର ବି ନାଗେଶ୍ୱର ରାଓ ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ।ଆୟୋଜିତ ଏହି ଶିବିରରେ ଚକ୍ଷୁ ଡାକ୍ତର ରିସବ ସେଠ୍, ଚକ୍ଷୁ ସହାୟକ ପ୍ରିତମ୍ କୁଣ୍ଡୁ, ପ୍ରଭାତ ପ୍ରଧାନ, ଭୀଷ୍ମ ବେହେରାଙ୍କ ସମେତ ବହୁ ଅଭିଜ୍ଞ ଚିକିତ୍ସକ ଓ ସହାୟକ ଯୋଗଦେଇ ୬୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ରକ୍ତଚାପ, ମଧୁମେହ ପରୀକ୍ଷା ସହ ଚକ୍ଷୁ ରୋଗ ସମ୍ବନ୍ଧିତ ଚିକିତ୍ସା ପରାମର୍ଶ ସହ ମାଗଣା ଔଷଧର ବ୍ୟବସ୍ଥା କରାଯାଇ ଆବଶ୍ୟକ ରୋଗୀଙ୍କୁ ଅସ୍ତ୍ରୋପଚାରର ବ୍ୟବସ୍ଥା କରାଯାଇଥିଲା।

# ଆଜି ନାଗରିକ ମଞ୍ଚର ବିକ୍ଷୋଭ

## ଭଞ୍ଜନଗର ଏନଏସି ମ୍ୟୁନିସିପାଲଟିରୁ ବଞ୍ଚିତ

■ରାଜ୍ୟ ସରକାରଙ୍କ ଅବହେଳାରୁ ବାଦ୍ ପଡ଼ିଲା : ଭାଜପା

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)


ଖବରଦାତା ସମ୍ମିଳନୀରେ ଭାଜପା ସଦସ୍ୟବୃନ୍ଦ।

ରାଜ୍ୟ ସରକାର ଗଞ୍ଜାମ ଜିଲାର ଆସ୍କା ଏବଂ ଛତ୍ରପୁର ଏନଏସିକୁ ଶନିବାର ମ୍ୟୁନିସିପାଲଟି ଘୋଷଣା କରିଛନ୍ତି। କିନ୍ତୁ ଭଞ୍ଜନଗର ଏନଏସି ମ୍ୟୁନିସିପାଲଟି ଘୋଷଣାରୁ ବଞ୍ଚିତ ହୋଇଛି, ଯାହାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। ବିରୋଧୀ ଦଳଗୁଡିକ ଏହାକୁ ଏକ ରାଜନୈତିକ ଇସ୍ୟୁ କରୁଥିବା ବେଳେ ବିଭିନ୍ନ ସଂଗଠନ ମଧ୍ୟ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ରବିବାର ସନ୍ଧ୍ୟାରେ ଭାଜପା ଘୁମୁସର ସାଂଗଠନିକ ଜିଲା ଉପ ସଭାପତି ଅଯୋଧ୍ୟା ନାଥ ମହାପାତ୍ର ଏକ ଖବରଦାତା ସମ୍ମିଳନୀ ଡାକି ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଭଞ୍ଜନଗର ଏନ୍‌ଏସି ମ୍ୟୁନିସିପାଲିଟି ହୋଇପାରିଲା ନାହିଁ ବୋଲି ଅଭିଯୋଗ କରିଛନ୍ତି । ଏଥିସହ ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଏନଏସି ଘୋଷଣା କରିବା ପାଇଁ ସେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ନେତା ମାନସ ଜେନା, ସନ୍ତୋଷ ତିଆଡି, ସମୀର ନାୟକ, ରବୀନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସୋମବାର ଘୁମୁସର ନାଗରିକ ମଞ୍ଚ ପକ୍ଷରୁ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଅଞ୍ଚଳର ସମସ୍ତ ବର୍ଗର ଲୋକ ଯୋଗ ଦେବା ପାଇଁ କର୍ମକର୍ତ୍ତା ନଚିକେତା ପ୍ରଧାନ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏନ୍‌ଏସିରୁ ମ୍ୟୁନିସିପାଲଟି ଘୋଷଣା କରିବାକୁ ହେଲେ ଆବଶ୍ୟକ ନିର୍ଦ୍ଦିଷ୍ଟ ଜନସଂଖ୍ୟା। କିନ୍ତୁ ଭଞ୍ଜନଗର ଏନଏସିରେ ତା' ଠାରୁ କମ ଲୋକ ବସବାସ କରୁଛନ୍ତି। ଯଦି ତଳିଆ ଅଞ୍ଚଳଗୁଡ଼ିକୁ ସାମିଲ କରାଯାଇଥାନ୍ତା ତେବେ ମ୍ୟୁନିସିପାଲଟି ହୋଇପାରିଥାନ୍ତା। କିନ୍ତୁ ତାହା ସମ୍ଭବପର ହୋଇପାରିଲା ନାହିଁ। ଏନେଇ ପିସିସି ସମ୍ପାଦକ ତଥା ଭଞ୍ଜନଗର ଏନଏସିର ପୂର୍ବତନ କାଉନସିଲର ସନ୍ତୋଷ ଦିଗାଲ କହିଛନ୍ତି ଯେ ସରକାର ଭଞ୍ଜନଗର ଏନଏସିକୁ ମୁନିସିପାଲଟି ଘୋଷଣା କରିଥିଲେ ଭଲ ହୋଇଥାନ୍ତା। ଘୁମୁସର ବାହିନୀ କର୍ମକର୍ତ୍ତା ନଚିକେତା ପ୍ରଧାନ ସରକାରଙ୍କ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ଏ ନେଇ ଅଞ୍ଚଳବାସୀ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ନଚିକେତା କହିଛନ୍ତି।

# ଗ୍ରାମ୍ୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଆସିକା,୨୫।୨(ସୁରେନ୍ଦ୍ରନାଥ ସାହୁ)

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଆସିକା ବ୍ଲକର ନିମିନାଠାରୁ ଧରାକୋଟ ବ୍ଲକର ଆଦିବାସୀ ଅଧ୍ୟୁସିତ ସାଲୁଆପଲ୍ଲୀ ଦେଇ ମଦନଗଣ୍ଡା ପର୍ଯ୍ୟନ୍ତ ଏକ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ରବିବାର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୪କୋଟି ୩୨ଲକ୍ଷ ଟଙ୍କା ବ୍ୟୟବରାଦରେ ୫.୪୨୦ କିମି ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଛି। ପୂର୍ବରୁ ପାଦଚଲା ମାଟି ରାସ୍ତାରେ ଯାତାୟାତ କରୁଥିବା ଧରାକୋଟ ବ୍ଲକର ଖାରିପଲ୍ଲୀ, ସାଲୁଆପଲ୍ଲୀ, ସୁଣ୍ଡିପଲ୍ଲୀ, ଚାଙ୍ଗୁଡିପଲ୍ଲୀ, ପାଇକବଗଡ, ମଦନଗଣ୍ଡା ଆଦି ଆଦିବାସୀ ଗ୍ରାମର ଜନସାଧାରଣଙ୍କ ସହ ଆସିକା ଓ ଧରାକୋଟ ବ୍ଲକର ୨୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଏହି ରାସ୍ତା ନିର୍ମାଣ ଫଳରେ ବିଶେଷ ସୁବିଧା ପାଇବେ । ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ନିମିନା ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଦିଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ନନ୍ଦିନୀ ପାଢୀ, ସହକାରୀ ଯନ୍ତ୍ରୀ ତ୍ରିଭୂବନ କହଁର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରୟାଗ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି।

ପୋଲସରା,୨୫।୨(ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଲୁଣିଘାଟି ପଡ଼ିଆଠାରେ ପ୍ରୟାଗ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, କାଉନ୍‌ସିଲର ସୁକାନ୍ତି ସାହୁ, ଯଜ୍ଞ ନାରାୟଣ ସାହୁ, ସଚିନ୍ କୁମାର ମଲ୍ଲିକ, ସନ୍ତୋଷ କୁମାର ପାତ୍ର, ଅନୁଷ୍ଠାନର ଅଧ୍ୟକ୍ଷ ରାଜୀବ ଲୋଚନ ପଣ୍ଡା, ପ୍ରିନ୍ସିପାଲ ଯମୁନା ବିଶ୍ୱାଳ, ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଉକ୍ତ ବାର୍ଷିକ ଉତ୍ସବରେ କୁନି କୁନି ଛାତ୍ରୀଛାତ୍ରମାନେ ନିଜ ନିଜର ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ସମୟରେ ବନୋଜ ଷଡ଼ଙ୍ଗୀ, ସ୍ୱାତି ମହାପାତ୍ର, ଆଖପାଖ ଅଞ୍ଚଳରୁ ଅଭିଭାବକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଶେରଗଡ଼ ବ୍ଲକକୁ ମିଳିଲା ୧୭୦ ମୁଖ୍ୟମନ୍ତ୍ରୀ ପୁରସ୍କାର

ଶେରଗଡ, ୨୫।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକକୁ ମୋଟ୍ ୧୭୦ଟି ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ଶନିବାର ଛତ୍ରପୁରସ୍ଥିତ ଅନସ୍ଲୋ ସ୍କୁଲ ସମ୍ମୁଖସ୍ଥ ଖେଳପଡିଆରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଆସିକା ବିଧାୟକ ମଞ୍ଜୁଳା ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ଉପସ୍ଥିତରେ ଏହି ପୁରସ୍କାର ବଣ୍ଟନ କରାଯାଇଥିଲା। ୧୬୨ ଛାତ୍ରୀଛାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୩ଟି ଉଚ୍ଚବିଦ୍ୟାଳୟ, ୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ବିଦ୍ୟାଳୟ କମିଟି, ଜଣେ ଶିକ୍ଷୟିତ୍ରୀ ଓ ଜଣେ ବିଦ୍ୟାଳୟ କମିଟି ସଭାପତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀପଦ ମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅଲାରିଗଡ, ପିତ୍ତଳ ବାଳକ ଉଚ୍ଚ ବିଦ୍ୟଳୟ, କରଡାକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ଅଲାରିଗଡସ୍ଥିତ ଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମାନପତ୍ର ସହ ଏହି ପୁରସ୍କାର ମିଳିଛି। ସେହିପରି ଭଲ ଶିକ୍ଷା କମିଟି ପରିଚାଳନା ନେଇ ଅଲାରିଗଡ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ମୋ ସ୍କୁଲ ଯୋଜନାର ଭଲ ବିଦ୍ୟାଳୟ ସଭାପତି ଭାବେ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ସଭାପତି ସୀମାଞ୍ଚଳ ପ୍ରଧାନ ଓ ଭଲ ଶିକ୍ଷୟତ୍ରୀ ଭାବେ ଟାକରଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶସ୍ମିତା ସାବତଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି। ଶେରଗଡ଼ ବିଇଓ ଉପେନ୍ଦ୍ର କୁମାର ପାଢୀ, ଏବିଇଓ ଶୈରନ୍ଦ୍ରି ଦଳେଇ, ସିଆର୍‌ସିସି ରଘୁନାଥ ସାହୁ, ପ୍ରସନ୍ନ କୁମାର ସାବତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଝିଲିମିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୁରସ୍କୃତ

ଧରାକୋଟ,୨୫।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)


ଶିକ୍ଷକଙ୍କୁ ପୁରସ୍କୃତ କରାଯାଉଛି।

ଧରାକୋଟ ବ୍ଲକ ସାବା କ୍ଲଷ୍ଟରର ଝିଲିମିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଟି. ତ୍ରିପତି ପାତ୍ର ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି । ଗତ ଶନିବାର ଛତ୍ରପୁର ଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଜିଲାର ସମସ୍ତ ବିଧାୟକଙ୍କ ଉପସ୍ଥିତିରେ ଶିକ୍ଷକ ପାତ୍ରଙ୍କୁ ବ୍ଲକସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମାଚରଣ ପାଣିଗ୍ରାହୀ, ସିଆରସିସି କୃଷ୍ଣ ନାୟକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜୀବ ସାହୁଙ୍କ ମାର୍ଗଦର୍ଶନ ସହ ସାବା କ୍ଲଷ୍ଟରର ସମସ୍ତ ଶିକ୍ଷକ ମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ୧ରୁ ମା' ରାମଚଣ୍ଡୀ ମହୋତ୍ସବ

ଛତ୍ରପୁର,୨୫।୨ (ସନ୍ତୋଷ ପାଢ଼ୀ)


ଖବରଦାତା ସମ୍ମିଳନୀରେ ଆଲୋଚନା ଚାଲିଛି।

ଛତ୍ରପୁର ଉପକଣ୍ଠ ନୀଳାଦ୍ରିପୁର ନିକଟ ରାମଚଣ୍ଡୀ ପୀଠରେ ମା' ରାମଚଣ୍ଡୀ ମହୋତ୍ସବ ଆସନ୍ତା ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ମା' ରାମଚଣ୍ଡୀ ଟ୍ରଷ୍ଟ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମା'ଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବକୁ ମା' ରାମଚଣ୍ଡୀ ମହୋତ୍ସବ ୨୦୨୪ ରୂପେ ପାଳନ କରିବାକୁ ଏହି ନିଷ୍ପତି ହୋଇଛି। ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଓ ପଣ୍ଡିତ ବିଜୟ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ମନ୍ଦିର ରୀତିନୀତିରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହେବ। ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କଳାକାର ତାରିକ ଅଜିଜ, ଶୀତଲ, କବି ଓ ଗଣେଶ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବେ। ବରିଷ୍ଠ ନାଗରିକଙ୍କ ସୁବିଧା ଲାଗି ପାହାଡ ଉପରକୁ ଯିବା ପାଇଁ ବସ୍‌ର ସୁବିଧା କରାଯିବ। ୫-ଟି ଉପକ୍ରମରରେ ମନ୍ଦିର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୨ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ କମିଟିପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କମିଟିର କାର୍ଯ୍ୟକାରୀ ସଭାପତି ବସନ୍ତ ମହାରଣା, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ସଂଯୋଜକ କମଳ ପଣ୍ଡା, ଉପସଭାପତି କ୍ଷୀରୋଦ ସାହୁ ଓ ସନ୍ତୋଷ ପାଢ଼ୀ, ପ୍ରମୋଦ ସାହୁ, ଉପଦେଷ୍ଟା ରବୀନ୍ଦ୍ର ନାଥ ପଣ୍ଡା, ଶତ୍ରୁଘ୍ନ ମହାଙ୍କୁଡ, କାମାକ୍ଷା ପ୍ରାସାଦ ପଣ୍ଡା, ତୁଷାର ଶତପଥି, ତିରୁପତି ବାଲାଜୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ମୁଗ ଫସଲ ଉଜୁଡ଼ିଲା

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)

ଭଞ୍ଜନଗରରେ ଅଦିନିଆ ବର୍ଷାରେ ରବି ଫସଲ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ମୁଗ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଭାଲିଆଖାଇ, ଡେଙ୍ଗାପଦର, ଗାମୁଣ୍ଡି, ନେଟେଙ୍ଗା ଅଞ୍ଚଳରେ ବିଲରେ ପାଣି ଭରି ରହିଛି। ମୁଗ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ କଥା ସରକାର ବିଚାର କରନ୍ତୁ ବୋଲି ଚାଷୀ ଶୁଭେଗା ପ୍ରଧାନ ଏବଂ ନବୀନ ସ୍ୱାଇଁ ନିବେଦନ କରିଛନ୍ତି।

# ଲାୟନ୍ସ କ୍ଲବର ଚାର୍ଟର ଡେ' ପାଳିତ



ମଞ୍ଚାସୀନ ଅତିଥି।

କବିସୂର୍ଯ୍ୟନଗର, ୨୫।୨ (କୃପାସିନ୍ଧୁ ସ୍ୱାଇଁ)

ଲାୟନ୍ସ କ୍ଲବ ପକ୍ଷରୁ ସ୍ଥାନୀୟ କନକ ମଞ୍ଜରୀ ପାଠାଗାର ସଭାଗୃହରେ ସଭାପତି ସୁନିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଚାର୍ଟର ଡେ' ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଗଭର୍ଣ୍ଣର ଇଂ. ଦିଲ୍ଲୀପ କୁମାର ଦାସ, ଫାଷ୍ଟ ଲେଡି ଲାୟନ ଡ. ସଂଯୁକ୍ତା ପଣ୍ଡା, ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର -୧ ସରସ୍ୱତୀ ପାତ୍ର, ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର-୨ ଡ଼. ହେମନ୍ତ ଖୁଣ୍ଟିଆ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ଗଭର୍ଣ୍ଣର ହରିହର ଦାସ, ରିଜନ ଚେୟାରମ୍ୟାନ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ ପ୍ରମୁଖ ମଂଚାସୀନ ଥିଲେ। ଶିକ୍ଷାବିତ କୈଳାସ ନାଥ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ତଥା ହୋମିଓ ବିଶାରଦ ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ସମାଜସେବୀ ତଥା ଏନଏସି ଚେୟାରମ୍ୟାନ ବିପିନ ବିହାରୀ ସ୍ୱାଇଁ, କଳାଶ୍ରୀ ତଥା ନାଟ୍ୟକାର ବିଶାରଦ ନବଘନ ପରିଡ଼ା, ଡେଣ୍ଟାଲ ପ୍ରୋସେସର ଡା. କଂଗ୍ରେସ ପ୍ରଧାନ ସେବା କ୍ଷେତ୍ରରେ ସମାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁକୁମାର ମାଝୀ, ଡା. ଅକ୍ଷୟ ମିଶ୍ର, ଡା. ଭାଗିରଥି ଶତପଥୀ, ଡା. ରାଜେନ୍ଦ୍ର ପ୍ରସାଦ ମାଝୀ, କୃପାସିନ୍ଧୁ ସ୍ୱାଇଁ, ବିବେକାନନ୍ଦ ସାହୁ, ଦୀପକ କୁମାର ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ନୂନ ସଦସ୍ୟତା ଗ୍ରହଣ କରିଥିଲେ ସମାଜସେବୀ ରାମପ୍ରସାଦ ମହାରଣା ଓ ବ୍ୟବସାୟୀ ଭଗବାନ ସ୍ୱାଇଁ। ୩୦ଜଣ ମହିଳାଙ୍କୁ ପୁଷ୍ଟିସାଧନ ଖାଦ୍ୟ ଓ କମଳ ପ୍ରଦାନ କରିଥିଲେ ଅତିଥି। ଲାୟନ କ୍ଲବ ସମ୍ପାଦିକା ସୁପ୍ରଭା ଶତପଥୀ, କୋଷାଦକ୍ଷ ମୁକ୍ତିସୁଧା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଗବାନପୁରରେ ଭାଜପାର ମିଶ୍ରଣ ପର୍ବ

ବୁଗୁଡା,୨୫।୨(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କରଚୁଲି ମଣ୍ଡଳ ଭାଜପାର ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଭଗବାନପୁର ହନୁମାନ ମନ୍ଦିରଠାରେ ଭାଜପାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପାର ସଂଗଠନକୁ ସୁଦୃଢ଼ କରିବା ପାଇଁ ନେତାମାନେ ଆଲୋଚନା କରିଥିଲେ। ଏହି ଅବସରରେ ଭଗବାନପୁର ପଞ୍ଚାୟତର ସୁଦର୍ଶନ ନାୟକ, ସନ୍ତୋଷ କୁମାର ଗୌଡ଼, ବିନାୟକ ଆଲଟିଆ, ବିପ୍ର ମୂଳି, ସୁଦାମ ସାହୁ, ଦେଉଳିଆ ଗୌଡ଼, ପ୍ରଦୀପ କୁମାର ସାହୁ, ନରୋତ୍ତମ ସେଠୀ, ବିଜୟ ରଣା, କାହ୍ନୁଚରଣ ଆଲଟିଆ, କାର୍ତ୍ତିକ ସାହୁ, ବଂଶୀଧର ଆଲଟିଆ, ଆଡ଼ି ସମ୍ପ୍ରଦାୟର ୧୨ ପରିବାର ଓ ସେମାନଙ୍କ ସମର୍ଥକ ଭାଜପାରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୌର ପ୍ରଧାନ, ହରପ୍ରସାଦ ଦାସ, ହରିକୃଷ୍ଣ ସାହୁ ଓ ମଣ୍ଡଳ ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାଟା ଟି' କମ୍ପାନୀ ଏମ୍ପ୍ଲୟର୍ସ ୟୁନିୟନର ବୈଠକ


ବୈଠକରେ ଆଲୋଚନା ଚାଲିଛି।

ଛତ୍ରପୁର, ୨୫।୨ (ଦିଲୀପ ସାମଲ)

ଛତ୍ରପୁର ବ୍ଲକ ଜଗନ୍ନାଥପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଟାଟା ଟି' କମ୍ପାନୀରେ କାର୍ଯ୍ୟରତ ଏପିପିଏଲ ଏମ୍ପ୍ଲୟର୍ସ ୟୁନିଅନର ଏକ ବୈଠକ ସଭାପତି ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ଏସ୍‌ର ଗଞ୍ଜାମ ଜିଲା ସଭାପତି ଭବାନୀ ଶଙ୍କର ଦାଶ ବିଏମ୍‌ଏସ୍‌ର ସମ୍ପାଦକ ଅର୍ଜୁନ ବେହେରା, ୟୁନିଅନର କର୍ଯ୍ୟକାରୀ ସଭାପତି ଦିଗାମ୍ବର ମହାକୁଡ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼, ସମ୍ପାଦକ ରାମାରାଓ ରେଡ୍ଡୀଙ୍କ ସହ ୟୁନିଅନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ଶ୍ରମିକମାନଙ୍କ ଉନ୍ନତି ସହ କମ୍ପାନୀର ଉନ୍ନତି କଥା ଆଲୋଚନା ହୋଇଥିଲା ଏବଂ ଶ୍ରମିକମାନଙ୍କ ଦାବି ପୂରଣ ନହେଲେ ଆସନ୍ତା ୧ ତାରିଖ ଦିନ ଧାରଣା ଦିଆଯିବ ବୋଲି ସ୍ଥିର ହୋଇଥିଲା।

# ଜୀବିକା ସହାୟତା, ଜମିପଟ୍ଟା ବଣ୍ଟନ

ଭଞ୍ଜନଗର,୨୫।୨(ବାବୁଲା ପ୍ରଧାନ)


ମନ୍ତ୍ରୀ ଜଣେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି।

ଭଞ୍ଜନଗର ବ୍ଲକ ଡୁମାକୁମ୍ପା, ବାହାଡାପଦର, ବଡ଼କୋଦଣ୍ଡା ଏବଂ ଭଞ୍ଜନଗର ଠାକୁରାଣୀ ମନ୍ଦିର ପରିସରରେ ରବିବାର ରାସନ କାର୍ଡ ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ ସହ ଝୋଟ ବ୍ୟାଗ ବଣ୍ଟନ କରାଯାଇଛି। ଏଥିସହ ସାନକୋଦଣ୍ଡା, ବଡ଼କୋଦଣ୍ଡା, ବାଉଁଶଲୁଣ୍ଡି ପଞ୍ଚାୟତରେ ଗ୍ରାମକଣ୍ଠ ପଟ୍ଟା ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ଆରୁଖ କହିଥିଲେ, ଦିନ ଥିଲା ଲୋକେ ଗ୍ରାମ କଣ୍ଠ ପଟ୍ଟା ଯୋଗୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। କିନ୍ତୁ ଉକ୍ତ ହିତାଧିକାରୀମାନଙ୍କୁ ଆଜି ଜମି ପଟ୍ଟା ପ୍ରଦାନ କରାଯାଉଛି। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ନବୀନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହେବ। ରାଜ୍ୟର ୯୦ ପ୍ରତିଶତ ଲୋକେ ଏହି ଯୋଜନାର ସୁଫଳ ପାଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ଆୟୋଜିତ ସଭାରେ ଭଞ୍ଜନଗର ତହସିଲଦାର ଉମା ଶଙ୍କର ବେହେରା ଯୋଗଦେଇ କହିଥିଲେ ଏହି ଯୋଜନାରେ ଆହୁରି ଅନେକ ଲୋକେ ପଟ୍ଟା ପାଇବେ। କିନ୍ତୁ ଆବେଦନ ତାରିଖ ସରିଯାଇଥିବା ଯୋଗୁଁ ନୂତନ ହିତାଧିକାରୀ ପଟ୍ଟା ପାଇପାରୁନାହାନ୍ତି। ଆବେଦନ ସୁଯୋଗ ପୁଣି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଁ ସରକାରଙ୍କୁ ଚିଠି ଲେଖାଯାଇଛି। ଆଗାମୀ ଦିନରେ ତାହା ହେବ ବୋଲି ଆଶା କରାଯାଉଛି। ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ପ୍ରଧାନ, ପୂର୍ବତନ ଏନଏସି ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ସଭ୍ୟା ଶୈଳବାଳା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖବରଦାତାଙ୍କ ଦାବି ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରିବି : ବାଚସ୍ପତି

**ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ**

ଯାଜପୁର ଟାଉନ,୨୫।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :




ଓଡ଼ିଶା ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ବୈଠକରେ ବାଚସ୍ପତି ପ୍ରମିଳା ମଲ୍ଲିକ ଓ ଅନ୍ୟମାନେ ।

ଓଡ଼ିଶା ସାମ୍ବାଦିକ ୟୁନିୟନ ପକ୍ଷରୁ ଯାଜପୁର ଜିଲା ଶାଖା ପକ୍ଷରୁ ଯାଜପୁର ସହର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାବେଶ ତଥା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟ ସରକାର ଖବରଦାତାଙ୍କ ଦାବିପ୍ରତି ଯତ୍ନବାନ ଅଛନ୍ତି। ଖବରଦାତାଙ୍କୁ ଚିହ୍ନଟ କରି ୨ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ରାଶି ଯୋଗାଇ ଦେଇଥିବା ବେଳେ ମହାମାରୀ କରୋନା ସମୟରେ ପ୍ରାଣ ହରାଇଥିବା ଖବରଦାତାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା, ଯାହାକି କୌଣସି ରାଜ୍ୟରେ କରାଯାଇନାହିଁ। ଖବରଦାତାଙ୍କ ସୁରକ୍ଷା ଓ ପେନ୍‌ସନ୍ ଯୋଗାଇ ଦେବା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିବି ବୋଲି ବାଚସ୍ପତି ସେ ପ୍ରତିଶ୍ରୁତି ଦେଇଥିଲେ। ଏପରିକି କରୋନା ସମୟରେ ହୋଇଥିବା କଟକଣାକୁ ହଟାଇବା ପାଇଁ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଓଡ଼ିଶା ସାମ୍ବାଦିକ ୟୁନିୟନ ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ପ୍ରସନ୍ନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଖବରଦାତାଙ୍କ ଦାବି ସମ୍ପର୍କରେ ଅବଗତ କରିଥିଲେ। ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଘୋଷଣା କରୁଥିବା ବେଳେ ଖବରଦାତାଙ୍କ ଏହି ୨ଟି ଦାବି ପ୍ରତି ସରକାର ଯତ୍ନବାନ ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଅବସର ପରେ ଖବରଦାତାମାନେ ବହୁ ଦୟନୀୟ ଅବସ୍ଥାରେ ସମୟ କାଟୁଥିବା ବେଳେ ବାର୍ଦ୍ଧକ୍ୟ ସମୟରେ ପେନ୍‌ସନ୍ ଖବରଦାତାଙ୍କ ପାଇଁ ଭରସା ହେବ ବୋଲି ସେ କହିଥିଲେ। ଏଥିପ୍ରତି ସରକାର ଗୁରୁତର ସହ ବିଚାର କରିବାକୁ ବୈଠକରେ ସେ ଆହ୍ୱାନ ଦେଇଥିଲେ।

ଉକ୍ତ ବୈଠକରେ ଅନ୍ୟତମ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଖବରଦାତାଙ୍କ ଦାବି ଯଥାର୍ଥ। ସରକାର ନିଶ୍ଚିତ ଏହା ଉପରେ ବିଚାର କରିବେ ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତାଙ୍କ ଯଥାର୍ଥ ଦାବି ପ୍ରତି ସରକାର ଗୁରୁତ୍ୱ ନ ଦେଲେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ପ୍ରଥମାର୍ଦ୍ଧ ବୈଠକରେ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୮ଟି ସାଙ୍ଗଠନିକ ଜିଲାରୁ ଖବରଦାତାଙ୍କ ଦାବିପ୍ରତି ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସହ ଜିଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖବରଦାତାଙ୍କ ସୁରକ୍ଷା ଓ ପେନ୍‌ସନ୍ ପ୍ରତି ଗୁରୁତ୍ୱ ଦେଇ ନିର୍ବାଚନ ପୂର୍ବରୁ ଘୋଷଣା କରିବାକୁ ଓୟୁଜେ ଦାବି କରିଥିଲା। ଅନ୍ୟତମ ଅତିଥି ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ସାମ୍ବାଦିକଙ୍କ ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ସରକାର ସମସ୍ତଙ୍କ ଦାବିପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଖବରଦାତାଙ୍କ ପ୍ରମୁଖ ୨ଟି ଦାବିପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ଦାସ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଜିଲା ସାଧାରଣ ସମ୍ପାଦକ କଜ୍ଜୁପାଣି ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ କୁମାର ପତି, ଜିଲା ପ୍ରଭାରୀ କିଶାନ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

ଜିଲା ସଭାପତି ଆଦିତ୍ୟ ମେକାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଜିଲା ଉପସଭାପତି ଦେବପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜ୍ୟ ଉପସଭାପତି ରାଜୀବ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ରଞ୍ଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଅକ୍ଷୟ କୁମାର ମହାନ୍ତିଙ୍କୁ ଓୟୁଜେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଆଇନଜୀବୀ ରାଜୀବ ମହାନ୍ତି, ଅଞ୍ଜନ କୁମାର ସାହୁ, ପ୍ରତାପ ଜେ ଦାଶ, ଶିଶିର କୁମାର ରାୟ, ଅଭିମନ୍ୟୁ ସାହୁ, ଶିକ୍ଷାବିତ୍ ଅସ୍ମିତା ପତି, ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ପରିଡ଼ା, ଲେଲିନ ଦାସ, ବିପ୍ଳବ କେଶରୀ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ପ୍ରେସ୍ ଫୋରମ ପକ୍ଷରୁ ଶ୍ରେଷ୍ଠ ଜିଲା ସଭାପତି ଭାବେ ଆଦିତ୍ୟ ମେକାପ ଓ ବରିଷ୍ଠ ଖବରକାଗଜ ବିତରକ ଭାବେ ଅଞ୍ଜନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ପକ୍ଷରେ ବରୀ ସାମ୍ବାଦିକ ୟୁନିୟନ ପକ୍ଷରୁ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଓ ଜିଲା ସଭାପତି ଆଦିତ୍ୟ ମେକାପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୮ ସାଙ୍ଗଠନିକ ଜିଲାରୁ ୩ଶହରୁ ଊର୍ଦ୍ଧ୍ୱ ଖବରଦାତା ଏହି ସମାବେଶରେ ଯୋଗ ଦେଇଥିଲେ। ପ୍ରଥମାର୍ଦ୍ଧରେ ଖବରଦାତାଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସଙ୍ଗଠନର ସମ୍ପାଦକ ତପନ କୁମାର ମହାନ୍ତି, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଦିଲୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ରାଉତରାୟ, ପରମେଶ୍ୱର ବେଉରିଆ, ଅନିଲ ପଣ୍ଡା, ବିଶ୍ୱଜିତ ରଣା, ସୌମ୍ୟପ୍ରକାଶ ଦାସ, ବିଭୂଦତ୍ତ ପୃଷ୍ଟି, ସୁରେନ୍ଦ୍ର ସାମଲ, ଶକ୍ତିସୌରଭ ମହାପାତ୍ର, ରାଜକୁମାର ମହାନ୍ତି ପ୍ରମୁଖ ମଞ୍ଚ ସଞ୍ଚାଳନ କରିଥିଲେ।

## ମା’ବୁଢୀ ଭାଲୁଶୁଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଭାଲୁଶୁଣିଙ୍କ ପୀଠରେ ଯଜ୍ଞ ଚାଲିଛି ।

ରସୁଲପୁର,୨୫।୨ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ୧୬ନଂ.ଜାତୀୟ ରାଜପଥ ପାର୍ଶ୍ୱ ବିଲିପଡା, ଗୋସାଇଁ ମଠ, ବାହାଦଲାପୁର, ସରିଫାବାଦ, କମାରପାଳ, ଚିନ୍ତାପଲ୍ଲୀ ଆଦି ଗ୍ରାମର ଗ୍ରାମଦେବତୀ ମା’ବୁଢୀ ଭାଲୁଶୁଣୀଙ୍କ ପୀଠରେ ୪୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ମା’ଙ୍କ ପୀଠରେ ଯଜ୍ଞ ଆରମ୍ଭ ହୋଇଥିଲା । ଏହି ଅବସରରେ ମା’ଙ୍କ ନିକଟରେ ଷୋଡଶ ଉପଚାର ପୂଜା, ମା’ଙ୍କୁ ବଡ ସିଂହାର ବେଶରେ ଭୁଷିତ କରାଯାଇଥିଲା । ପ୍ରତ୍ୟୁଷରେ ମା’ଙ୍କୁ ମାଜଣା କରାଯାଇ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା । ଗାଁର ମହିଳାମାନଙ୍କ ହୁଳହୁଳି, ଭକ୍ତମାନଙ୍କ ହରିବୋଲ, ଘଣ୍ଟଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ ବାଦ୍ୟ ଓ ଗୀତରେ ମନ୍ଦିର ବେଢା ପ୍ରକମ୍ପିତ ହୋଇଉଠିଥିଲା । ଏହି ଅବସରରେ ୬ଖଣ୍ଡର ଗ୍ରାମରୁ ଶତାଧିକ ଭକ୍ତ ଏକାଠି ହୋଇ ମା’ଙ୍କ ଆଶିଷ ଲାଭ କରିଥିଲେ। ଯଜ୍ଞରେ ସଞ୍ଜିତ କୁମାର ଦେ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପଣ୍ଡିତ ଅରୁପାନନ୍ଦ କର ଓ ସାଥୀମାନଙ୍କ ଦ୍ୱାରା କୁଣ୍ଡମଣ୍ଡଳ ପୂଜା, ଧେନୁ ପୂଜା, ସାଲପୂଜା କରାଯାଇଥିଲା । ପୂର୍ଣ୍ଣାହୂତିରେ ଶତାଧିକ ଭକ୍ତ ଯୋଗଦେଇ ଯଜ୍ଞରେ ମାନସିକ ଦ୍ରବ୍ୟ ସମର୍ପଣ କରିଥିଲେ । ଏହି ଅବସରରେ କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି, ମନ୍ଦିର ସେବାୟତ, ଗ୍ରାମବାସୀମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

**ଏକାଠି ହେଲେ ୬ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁ**

## ହେଲପିଙ୍ଗ ଗ୍ରୁପକୁ ରକ୍ତଦାତା ଜୀବନଦାତା ପକ୍ଷରୁ ସମ୍ବର୍ଦ୍ଧନା

ପାଣିକୋଇଲି,୨୫।୨ (ବିକାଶ କୁମାର ମଲିକ)

ସାମାଜିକ କାର୍ଯ୍ୟ କରି ପ୍ରଶଂସା ସାଉଁଟି ଥିବା ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପକୁ ଯାଜପୁର ରୋଡ଼ର ସାମାଜିକ ସଙ୍ଗଠନ କ୍ଲବ ଦି ୟୁଥ ମାସ ଓ ରକ୍ତଦାତା ଜୀବନଦାତା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗନଗରସ୍ଥିତ ଭିସା ଷ୍ଟିଲ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପରିଚାଳକ(ଏଚଆର) ସନ୍ଦିପ ମିଶ୍ର ,କ୍ଲବ ଦି ୟୁଥ ମାସର ସଭାପତି ପ୍ରକାଶ ଜେନା, ରକ୍ତଦାତା ଜୀବନଦାତା ଅନୁଷ୍ଠାନର ଅଧ୍ୟକ୍ଷ ରାଜେଶ କୁମାର ରାଉତ, ଖବରଦାତା ଚିନ୍ତାମଣୀ ପାଢ଼ୀ ଟ୍ରଷ୍ଟର ରାଜ୍ୟ ସଭାପତି ଧୀରେନ୍ଦ୍ର ସାହୁ ରକ୍ତଭଣ୍ଡାରର କର୍ମଚାରୀ ସାଗରିକା ସାମଲ ଓ ସମ୍ପିତ ମଲ୍ଲିକ ଉପସ୍ଥିତ ଥିଲେ । ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ ଓ କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ,ଅଜିତ କୁମାର ସାହୁ, ବିନାୟକ ବେହେରା, କୁନା ମହି ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

## ଧର୍ମଶାଳା ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଚୋରମୁହାଁ ପଞ୍ଚାୟତ କପିଳେଶ୍ୱରପୁର କୋଠଘରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି ।

ଧର୍ମଶାଳା,୨୫।୨ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଞ୍ଚାୟତରେ ରବିବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଚୋରମୁହାଁ ପଞ୍ଚାୟତର ନାଉପାଳସ୍ଥିତ ଅଷ୍ଟପ୍ରହରୀ ମଣ୍ଡପ, କପିଳେଶ୍ୱରପୁର କୋଠଘର, ବଡ ମଙ୍ଗଳପୁର ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ,ଜଗନ୍ନାଥ ମନ୍ଦିରର ଉନ୍ନତିକରଣ,କୁଞ୍ଜବିହାରୀ ନୂତନ ମଣ୍ଡପ ଓ ବିଡ଼ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ହେବା ଫଳରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଉପକୃତ ହୋଇପାରିବେ । ଏଥି ସହିତ ବିଦ୍ୟାଳୟ ନୂତନ ଶ୍ରେଣୀ ଗୃହ ହେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବେଶ ସହାୟକ ହେବ । ଆଗାମୀ ଦିନରେ ଧର୍ମଶାଳାରେ ଯେଉଁ ବିକାଶ କାର୍ଯ୍ୟ ଚାଲୁଛି ସେହି ଧାରା ଜାରି ରହିବ ବୋଲି ବିଧାୟକ କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଚୋରମୁହାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମାଗେ ପର୍ବରେ ଯୋଗଦେଲେ ବିଧାୟକ



ଆଦିବାସୀଙ୍କ ମାଗେ ପର୍ବରେ ବିଧାୟକ ଅଶୋକ କୁମାର ବଳ।

ଯାଜପୁରରୋଡ଼,୨୫।୨ (ପବିତ୍ର ରଞ୍ଜନ ମହାନ୍ତି):

ଆଦିବାସୀମାନଙ୍କ ମାଗେ ପର୍ବ ବ୍ୟାସନଗର ୨୫ନଂ. ୱାର୍ଡ ଚୁନ ଭାଟି ପ୍ଲଟଠାରେ ରବିବାର ସାନ୍ଧ୍ୟାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ କାଉନସିଲର ଦିଲୀପ କୁମାର ସେଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ବିର୍ସାମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅନ୍ୟାମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ, ଉପସଭାପତି ପରେଶ କାମର ନାୟକ, ଜିଲା ଯୁବ ବିଜେଡି ସମ୍ପାଦକ ବିବେକାନନ୍ଦ ମହାନ୍ତି, କାଉନସିଲର ଅଶୋକ କୁମର ରାଉତ, ପାର୍ଥସାରଥୀ ନାୟକ, ମୋନାଲିସା ସାହୁ, ଶିବାନନ୍ଦ ନାୟକ,ସନ୍ତୋଷ ବରାଳ, ଚୁନିଆ ନାୟକ, ମହିଳା ନେତ୍ରୀ ତପସ୍ୱିନୀ ଶତପଥୀ ଯୋଗ ଦେଇଥିଲେ । ବିଧାୟକ ଆଦିବାସୀଙ୍କ ବିପ୍ଳବୀ ନେତା ବିର୍ସା ମୁଣ୍ଡାଙ୍କ ବଳିଦାନ ଉପରେ ବକ୍ତବ୍ୟ ଦେଇଥିଲେ। ବିଧାୟକ ଆଦିବାସୀ ମହିଳାମାନଙ୍କ ସହ ନୃତ୍ୟ କରିବା ସହ ଆଦିବାସୀ ବାଦ୍ୟ ମାଦଳ ବଜାଇଥିଲେ । ଶେଷରେ ଆଦିବାସୀ ଯୁବନେତା ମାଣିକ ଗାଗରାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡିରେ ପୁରୁଖା କର୍ମୀଙ୍କୁ ଯୋଡ଼ିବା ପାଇଁ ପ୍ରସ୍ତୁତି

ବରୀ,୨୫।୨ (ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀ ଅଣ କଂଗ୍ରେସ ଗଡ଼ ଭାବେ ପରିଚିତ। ୨୦୦୦ରୁ ୨୦୧୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀରେ ଶାସକ ଦଳର ପ୍ରାର୍ଥୀମାନେ ବିଜୟ ଲାଭ କରିଆସିଛନ୍ତି । ୨୦୨୪ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ଶାସକ ଦଳରୁ ବହୁ ଆଶାୟୀ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଅନ୍ୟପକ୍ଷେ ଦଳର ପୁରୁଖା କର୍ମୀମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ୱାଇଁଖଣ୍ଡ ପଞ୍ଚାୟତ ଖରିପଡ଼ିଆ କଲ୍ୟାଣ ମଣ୍ଡପଠାରେ ଯୁବନେତା ସଞ୍ଜୀବ ଜେନାଙ୍କ ନେତୃତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମୀ ସମ୍ମିଳନୀରେ ପ୍ରାକ୍ତନ ବରୀ ବ୍ଲକ ଅଧ୍ୟକ୍ଷା ଭାରତୀ ବେହେରା, ପ୍ରାକ୍ତନ ବିଜେଡି ବ୍ଲକ ସଭାପତି ସେକ୍ ସଫିକ ଉଦ୍ଦିନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ, ପ୍ରାକ୍ତନ ସରପଞ୍ଚ ଅରୁଣ ସେଠୀ, ପ୍ରଫୁଲ୍ଲ ସାହୁ, ରବୀନ୍ଦ୍ର ସାହୁ , ଅକ୍ଷୟ ଜେନା, କୁଞ୍ଜ ସାହୁ ପ୍ରମୁଖ ଯୋଗ ଦେଇ ଦଳୀୟ କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଅନୁରୋଧ କରିଥିଲେ । ଏଥିପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମତ ପ୍ରକାଶ ପାଇଥିଲା । ସେହିପରି ଆସନ୍ତା ମାସ ୭ ତାରିଖରେ ସାହୁପଡ଼ା ଖେଳ ପଡ଼ିଆରେ ବିଜୁ ଅନୁଗତ ଏବଂ ବିଜେଡିର ପୁରୁଖା କର୍ମୀମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା ।

## ବାକି ଟଙ୍କା ପାଇଁ ଗଣନାଟ୍ୟର ପରିଚାଳକ, କଳାକାର ଥାନାର ଦ୍ୱାରସ୍ଥ

ପାଣିକୋଇଲି,୨୫।୨ (ବିକାଶ କୁମାର ମଲିକ)

କୋରାଇ ବ୍ଲକ କରଦା ହରିହାଟ ପଡ଼ିଆରେ ମେଳା ଓ ମହୋତ୍ସବ ଚାଲୁଥିବା ବେଳେ ମେଳା କମିଟିର ସ୍ୱୀକୃତି ନ ଥାଇ ସ୍ଥାନୀୟ କେତେଜଣ ବ୍ୟକ୍ତି ଧଉଳି ଗଣନାଟ୍ୟକୁ ଆଣି ଯାତ୍ରା ପରିବେଷଣ କରୁଥିଲେ। ମାତ୍ର ୩ ରାତି ଯାତ୍ରା ପରିବେଷଣ ପରେ ବାକି ଟଙ୍କା ନ ଦେବାରୁ ପରିଚାଳକଙ୍କ ସମେତ ସମସ୍ତ କଳାକାର ପାଣିକୋଇଲି ଥାନାରେ ଉକ୍ତ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଛନ୍ତି।

ପ୍ରକାଶଯେ କରଦା ମେଳା ପଡ଼ିଆରେ ଗତ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ ହୋଇଥିଲା। ମେଳା କମିଟିର ବିନା ସ୍ୱୀକୃତିରେ ପଳସା ଗ୍ରାମର କାର୍ତ୍ତିକ ସାହୁ, ମାଧପୁର ଗ୍ରାମର ଅଶୋକ କୁମାର ଦାସ ଓ ରାଣୀ ଗୋଡ଼ା ଗ୍ରାମର ହରିହର ପଲାଇ ପ୍ରମୁଖ ଉକ୍ତ ଅପେରା ପାର୍ଟିକୁ ଆଣି ଯାତ୍ରା ପରିବେଷଣ କରାଇଥିଲେ। ଉକ୍ତ ବ୍ୟକ୍ତିମାନଙ୍କ ସହିତ ଅପେରା ପାର୍ଟିର ପରିଚାଳକଙ୍କ ସହ ୩ ରାତି ନିମନ୍ତେ ୬ ଲକ୍ଷ ଟଙ୍କା ଦେବା ଲାଗି ଚୁକ୍ତିନାମା ହୋଇଥିଲା। ମାତ୍ର ଦର୍ଶକ କମିଯିବା ଯୋଗୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇ ସାଢେ ୪ ଲକ୍ଷ ଟଙ୍କାରେ କଥା ଛିଡ଼ିଥିଲା। ତେବେ ଯାତ୍ରା ସରିବା ପରେ ଆୟୋଜକମାନଙ୍କ ଦେଖା ମିଳି ନ ଥିଲା। ତେବେ ଆୟୋଜକମାନେ ୨ ଲକ୍ଷ ୧୦ହଜାର ଟଙ୍କା ପୈଠ କରିଥିବା ବେଳେ ବାକି ୨ ଲକ୍ଷ ୪୦ ହଜାର ଟଙ୍କା ଅପେରାର ପରିଚାଳକଙ୍କୁ ପ୍ରଦାନ କରିବା ପରିବର୍ତ୍ତେ ଧରାଛୁଆଁ ଦେଉ ନ ଥିବାରୁ ଉକ୍ତ ବକେୟା ଟଙ୍କା ପାଇବା ଲାଗି ପରିଚାଳକ ସଞ୍ଜୟ କୁମାର ସାହୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ଅଭିଯୋଗ ଉପରେ ପୋଲିସ ତଦନ୍ତ କରୁଛି।

## ଟ୍ରେନ୍ ଧକ୍କାରେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

ଜଳେଶ୍ୱର,୨୫।୨ (ରବିନାରାୟଣ ପାତ୍ର):

ଜଳେଶ୍ୱର ଦେବୀ ପେଟ୍ରୋଲପମ୍ପ ନିକଟରେ ଶନିବାର ରାତିରେ ଟ୍ରେନ୍ ଧକ୍କାରେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରତାଇ ଗ୍ରାମର ଶମ୍ଭୁନାଥ ରାଉତ। ଜଳେଶ୍ୱର ନୂଆବଜାର ନିକଟରେ ନିର୍ମାଣାଧୀନ ରେଳ ଓଭରବ୍ରିଜ୍ କାମରେ ସେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ।

## କୁଡୁମି ସମାଜ ମାର୍ଗଦର୍ଶକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ କୁଡ଼ିମି ସମାଜ କର୍ମକର୍ତ୍ତା ଓ ଅନ୍ୟମାନେ ।

କାଳିଆପାଣି,୨୫।୨ ( ଅସିତ ମହାନ୍ତ)

ଅନ୍ତର୍ଜାତୀୟ କୁଡୁମି ସମାଜର ମୁଖ୍ୟ ମାର୍ଗଦର୍ଶକ ଅଜିତ ପ୍ରସାଦ ମହାନ୍ତଙ୍କୁ ସାଗତ କରାଯାଇଛି । ଯାଜପୁର ଜିଲାର ସଂସାଇଲୋସ୍ଥିତ ଟାଟା କଲୋନୀର କଲ୍ୟାଣ ମଣ୍ଡପଠାରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସମ୍ପାଦକ ଦୋଳଗୋବିନ୍ଦ ମହାନ୍ତଙ୍କ ଆବାହକତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଆଦିବାସୀ କୁଡୁମି ସମାଜର କେନ୍ଦ୍ରୀୟ ସଭାପତି ଶଶାଙ୍କ ଶେଖର ମହାନ୍ତ, ଉପ-ସଭାପତି ସୁଜିତ କୁମାର ମହାନ୍ତ, ନେଗାଚାରି ସଂସ୍କୃତିର ସଂରକ୍ଷକ ଚାରିଗୁରୁ ସନ୍ତୋଷ କଟିଆର, ରାଜ୍ୟ ସଂଯୋଜକ ସଞ୍ଜୀବ ମହାନ୍ତ, ଯାଜପୁର ଜିଲାର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ମହାନ୍ତ, ମୟୁରଭଞ୍ଜ ଜିଲା ସଭାପତି ନିରଞ୍ଜନ ମହାନ୍ତ, ସୁନ୍ଦରଗଡ଼ର ଜିଲା ସଭାପତି ଧୃବ ଚରଣ ମହାନ୍ତ, କେନ୍ଦୁଝରର ଜିଲା ସଭାପତି କୁଳମଣି ମହାନ୍ତ, ଯାଜପୁର ଜିଲା ସଭାପତି ସହଦେବ ମହାନ୍ତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଭାପତି ଭୀମସେନ ମହାନ୍ତ, ମଞ୍ଚ ପରିଚାଳନା କରିଥିବା ବେଳେ ତ୍ରିଲୋଚନ ମହାନ୍ତ, ଯୁବ ସଭାପତି ପିକନ ମହାନ୍ତ, ଲଳାଟେନ୍ଦୁ ମହାନ୍ତ, ଦେବାଶିଷ ମହାନ୍ତ, ପିତାମ୍ବର ମହାନ୍ତ,ତଥା ଟାଟା କଲୋନୀର ଯୁବକ ସଂଘ ଓ ମହିଳା ସମିତି ତଥା ଯାଜପୁର କେନ୍ଦୁଝର ଜିଲାର ଶତାଧିକ କୁଡୁମି ସ୍ୱଜାତୀୟ ଲୋକଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ସଭା ସଫଳ ହୋଇଥିଲା। କଳ୍ପନା ମହାନ୍ତ, ସାବିତ୍ରୀ ମହାନ୍ତ ଓ ଯୋଗେନ୍ଦ୍ର ମହାନ୍ତ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## କରଦା ହରିହାଟ ମହୋତ୍ସବ ଉଦ୍‌ଯାପିତ

ପାଣିକୋଇଲି,୨୫।୨ (ବିକାଶ କୁମାର ମଲିକ)

କୋରାଇ ବ୍ଲକର କରଦା ପଞ୍ଚାୟତର ଗଣପର୍ବ ହରିହାଟ ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଦର୍ଶକଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମେଳା ଓ ମହୋତ୍ସବ କମିଟିର ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ସାହୁଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ସମ୍ମାନୀତ ଅତିଥି ଭାବେ ବ୍ୟାସନଗର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ବନ୍ଦିତା ପରିଡ଼ା, ବିଜେଡି ରାଜ୍ୟ ସମ୍ପାଦକ ସୌମ୍ୟ ରଞ୍ଜନ ଧଳ, କବି ଭୂବନମୋହନ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ମୋଟିଭେଶନାଲ ସ୍ପିକର ସରୋଜିନୀ ରଥ ଓ ମେଳା କମିଟିର ସଭାପତି ଚିନ୍ତାମଣୀ ବେହେରା ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଶେଷରେ ମହୋତ୍ସବ ସଭାପତି ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଓ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ଯାଜପୁର ଜିଲା ଦଶରଥପୁରର କୈଳାସ ବେହେରା ଓ ସାଥିମାନଙ୍କ ଦ୍ୱାରା ଘୋଡ଼ାନାଚ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବର କମିଟି ତରଫରୁ ମେଳା କମିଟିର ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ଚିନ୍ତାମଣୀ ବେହେରା ,ପାଣିକୋଇଲିର ବୃଦ୍ଧାଶ୍ରମ ଶେଷ ପରିଚୟ ଓ ଖବରଦାତା ମାନସ ରଞ୍ଜନ ସାହୁ ଓ ଅକ୍ଷୟ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଓରମାସ୍ ଓ ନାବାର୍ଡ଼ ଦ୍ୱାରା ଖୋଲିଥିବା ସ୍ୱୟଂ ସହାୟିକା ଗୋଷ୍ଠିମାନଙ୍କ ସହିତ ଜିଲା ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟିକ ଷ୍ଟଲରେ ଲୋକମାନଙ୍କ ଭିଡ଼ ଜମିଥଲା। ଏଥିସହିତ ମେଳାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୋଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ମେଳା ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପରିଚାଳନରେ ସହଯୋଗ ପ୍ରଦାନ କରିଥିଲେ। ସତ୍ୟନାରାୟଣ ପାଠାଗାର ଓ ସ୍ମୃତିଲିପି ସାହିତ୍ୟ ପତ୍ରିକା ତରଫରୁ ଅପରାହ୍ନରେ କବି ସମ୍ମିଳନୀ ଆୟୋଜିତ କରାଯାଇଥିଲା। ପତ୍ରିକାର ସମ୍ପାଦକ ଭୁବନ ମୋହନ ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ ଉକ୍ତ ସମ୍ମିଳନୀରେ ଅତିଥି ଭାବେ ବୈଲୋଚନ ଜେନା,ଶିକ୍ଷାବିତ୍ ଇନ୍ଦ୍ରମଣୀ ମହାକୁଡ଼, ପ୍ରମୋଦ ମହାପାତ୍ର ଯୋଗ ଦେଇଥିଲେ। ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବ କବି କାର୍ତିକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀରେ ମହୋତ୍ସବ କମିଟିର ସଦସ୍ୟ,କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

**ପାଇକ ଆଖଡ଼ା ମନମୋହିଲା**

## ସଂକ୍ଷେପରେ

### ପୁସ୍ତକ ଉନ୍ମୋଚନ, ସାହିତ୍ୟ ଆଲୋଚନାଚକ୍ର

ରାହାମା, ୨୫।୨ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ପଣ୍ଡୁଆ ପଞ୍ଚାୟତର ପଣ୍ଡୁଆ ଗ୍ରାମର ଶିକ୍ଷକ ସ୍ୱର୍ଗତ ବଂଶୀଧର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅବସରରେ ଏକ ସାହିତ୍ୟ ଆଲୋଚନା ଚକ୍ର, ସ୍ମୃତି ସଭା ଓ ସ୍ମରଣିକା 'ବଂଶୀ ବିଜନେ' ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ସାହିତ୍ୟସାଧକ, କବି ଓ ଲେଖକମାନେ ଯୋଗଦେଇଥିଲେ। ଉକ୍ତ ସଭାରେ ବାଲିଘର ଫାଉଣ୍ଡେଶନର ଅଧକ୍ଷ କୈଳାଶ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଗୌରୀଶ୍ୟାମ ଦାସ ଓ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଆଡ୍‌ଭୋକେଟ ସୁନାକର ବେହେରା, ଶାରଳା ମହାବିଦ୍ୟାଳୟ ରାହାମାର ପୂର୍ବତନ ଅଧକ୍ଷ ଅଦ୍ୱୈତ ପ୍ରସାଦ ସାହୁ, ପଣ୍ଡୁଆ ଜୋନ ଅବସର କର୍ମଚାରୀ ସଂଘ ସମ୍ପାଦକ ଯଦୁମଣି ଦାସ, ପୋତାନଈ ପଞ୍ଚାୟତ ସରପଞ୍ଚ ବ୍ରଜକିଶୋର ମହାରାଜ, କବି ଅଶୋକ କୁମାର ଲେଙ୍କା, ସାମାଜିକ କର୍ମୀ ବିଷ୍ଣୁ ଚରଣ ବାରିକ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ପରିଡା, ଶିକ୍ଷକ ବିନୋଦ ବିହାରୀ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଜେନାଙ୍କ ସ୍ମୃତି ଚାରଣ ସଭାରେ ସ୍ତ୍ରୀ ବିମଳା ଦେବୀ, ଜ୍ୟେଷ୍ଠ ପୁତ୍ର ଅବସରପ୍ରାପ୍ତ ମହା ପ୍ରବନ୍ଧକ ବିଜୟ କୁମାର ରାୟ, କନିଷ୍ଠ ପୁତ୍ର ବିଭୂତି ଭୂଷଣ ରାୟ, କନ୍ୟା ବୈଜୟନ୍ତୀ ଓ ବୀଣାପାଣି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଧ୍ୟମ ପୁତ୍ର ଅଧ୍ୟାପକ ଜେନାମଣୀ ବିନୋଦ କୁମାର ରାୟ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ବଘେଇପୁର କ୍ରିକେଟ: ସେମିଫାଇନାଲରେ ଗାଦିବ୍ରହ୍ମ କ୍ଲବ

ବାଲିକୁଦା, ୨୫।୨ (ତାପସ ସ୍ୱାଇଁ)

ନେହେରୁ ୟୁଥ ଆଣ୍ଡ ସ୍ପୋର୍ଟସ୍ ଆସୋସିଏଶନ ବଘେଇପୁର ଆନୁକୂଲ୍ୟରେ ୨୮ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ତନିା ସ୍ୱାଇଁ ଏଥିରେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବାବା ସ୍ୱପ୍ନେଶ୍ୱର କ୍ରିକେଟ କ୍ଲବ ବ୍ରାହ୍ମଣୀ ଓ ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ବାବା ସ୍ୱପ୍ନେଶର କ୍ରିକେଟ କ୍ଲବ ବ୍ରାହ୍ମଣୀ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୪୪ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ମାତ୍ର ୩ ଉଇକେଟ ହରାଇ ୫.୪ ଓଭରରେ ବିଜୟୀ ହୋଇଛି। ଏଥିସହ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ଅମ୍ପାୟର ଭାବେ ହାପିନା ଜେନା ଓ ବିଚିତ୍ର ନନ୍ଦ ମୁଦୁଲି ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଂରେ ଜ୍ଞାନ ଲେଙ୍କା ଓ ସୌମ୍ୟରଞ୍ଜନ ମୁଦୁଲି ସହାୟତା ପ୍ରଦାନ କରିଥିଲେ। ସମସ୍ତ ଧାରାବିବରଣୀ ବବୁଲ ପରିଡା ଓ ପିଣ୍ଟୁ ମହାରଣା ପ୍ରଦାନ କରିଥିଲେ। ମ୍ୟାଚ ଆୟୋଜନ କରିବାରେ କ୍ଲବର ସଭାପତି ମୁନ୍ନୟ ଲେଙ୍କାଙ୍କ ସମେତ ସଦସ୍ୟ ରଞ୍ଜିତ ସ୍ୱାଇଁ, ବିଜୟ ଜେନା, ବବୁଲ ଦଳାଇ, ତୋଫାନ ଗାଇଆ, ତୋଫାନ ବିଶ୍ୱାଳ, ଆଟିସ ମହାନ୍ତି, ରମାକାନ୍ତ ପରିଡା, ଗିଟୁ ପରିଡା, ଅରୁଣ ପରିଡା ପ୍ରମୁଖ ସହାୟତା କରିଥିଲେ।

# ଗୋରେଖନାଥ ପୀଠ: ନିର୍ମାଣାଧୀନ ଗୃହର ପିଲାରରେ ଫାଟ

ରଘୁନାଥପୁର, ୨୫।୨
(ରାଜେନ୍ଦ୍ର ନାରାୟଣ ସିଂହ)

- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ହାତ ମାରିଲେ ସିମେଣ୍ଟ ଝଡୁଛି
- ଦିଆଯାଉନି ପର୍ଯ୍ୟାପ୍ତ ପାଣି


ଜଣେ ସେବାୟତ ସିମେଣ୍ଟ ଝଡୁଥିବା ସ୍ଥାନ ଦେଖାଉଛନ୍ତି।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ରାଜ୍ୟ ସରକାରଙ୍କ ୫-ଟି ଅନୁଦାନରେ ଭୋଗ, ଦୀପ ଓ ଷ୍ଟୋର ଘର ନିର୍ମାଣ କାର୍ଯ୍ୟ ହେଉଛି। ଗତ ୨୦ ଦିନ ତଳେ ନିର୍ମାଣାଧୀନ ଗୃହର ଛାତ ପକାଯାଇଛି। ପ୍ରକଳ୍ପର ମୂଲ୍ୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରହିଥିବାବେଳେ ପୂର୍ତ୍ତ ବିଭାଗ ଅଧୀନରେ ଉକ୍ତ କାର୍ଯ୍ୟ କରାଯାଉଛି। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣାଧୀନ ଗୃହର ୨/୩ ଟି ପିଲାରର ମଧ୍ୟଭାଗରେ ଫାଟ ସୃଷ୍ଟି ହୋଇଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଦୀପ୍ତ ମହାନ୍ତି ଓ ବାଦଲ ଯୋଗାଣିଆ ପ୍ରମୁଖ ଆଶଙ୍କାବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, କାନ୍ଥରେ ହାତ ମାରିଲେ, କିଛି ସ୍ଥାନରେ ସିମେଣ୍ଟ ବାଲି ମିଶ୍ରିତ ମସଲା ଝଡି ପଡୁଛି। ନିର୍ମିତ ଗୃହର କାନ୍ଥ ଓ ଛାତରେ ଦୈନନ୍ଦିନ ଆବଶ୍ୟକ ମୁତାବକ ପାଣି ଦିଆଯାଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି।

ଛାତ ଶୁଖିଯାଇ କିଛି ସ୍ଥାନରେ ଚଡକା ଦାଗ ପରିଲକ୍ଷିତ ହୋଇଛି। ଯେତିକି ଭାଗମାପରେ ଏହାକୁ ନିର୍ମାଣ କରାଯାଇଛି ସେଥିରେ ପାଣି ଦିଆ ନ ଗଲେ ଏହାର ପରମାୟୁ ନିଶ୍ଚିତ ଭାବେ କମିଯିବ ବୋଲି ପୂଜକ ଦିଲୀପ କୁମାର ପଣ୍ଡା କହିଛନ୍ତି। ମଠ ମନ୍ଦିରର ବିକାଶ ପାଇଁ ସରକାର ବହୁ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ଠିକାଦାର ଏବଂ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳା ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି ଓ ରମେଶ ଚନ୍ଦ୍ର ମହାନ୍ତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପୀଠ ପକ୍ଷରୁ ଇଲେକ୍ଟ୍ରି, ପାଣି ଓ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା କିରାଣି ସରୋଜ କୁମାର ସାହାଣୀ ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଜିଲାପାଳ, ୫-ଟି ଅଧକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ସ୍ଥାନକୁ ନିଜେ ଯାଇ କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ ପ୍ରକାଶ କରିଛନ୍ତି।

# ବାଜି ମାରିଲା ରାକେଶଙ୍କ ପ୍ୟାନେଲ


ନବନିର୍ବାଚିତ କର୍ମକର୍ତ୍ତା ବିଜୟ ଉତ୍ସବ ପାଳନ କରୁଛନ୍ତି।

ପାରାଦୀପ, ୨୫।୨ (ଶରତ ରାଉତ)

### ଜଗନ୍ନାଥ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ

ପାରାଦୀପର ଅନ୍ୟତମ ବଡ଼ ସଂଗଠନ ଜଗନ୍ନାଥ ଟ୍ରକ୍ ମାଲିକସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଶେଷ ହୋଇଛି। ଏଥିରେ ରାକେଶ କୁମାର ଜେନାଙ୍କ ପ୍ୟାନେଲର ସମସ୍ତ ୬ ଜଣ ବିଜୟୀ ହୋଇଛନ୍ତି। ସମୁଦାୟ ୫୦୪ ଭୋଟରଙ୍କ ମଧ୍ୟରୁ ୪୯୦ ଜଣ ଗୁପ୍ତ ବାଲାଟ ପେପର ଜରିଆରେ ମତଦାନ କରିଥିଲେ। ସନ୍ଧ୍ୟାରେ ନିର୍ବାଚନ ଅଧିକାରୀ ଜ୍ଞାନେନ୍ଦ୍ର ମହାନ୍ତି ଓ କୃଷ୍ଣଚନ୍ଦ୍ର ସ୍ୱାଇଁ ଫଳାଫଳ ଘୋଷଣା କରିଥିଲେ। ଏଥିରେ ସଭାପତି ପଦରେ ରାକେଶ ବିଜୟୀ ହୋଇଛନ୍ତି। ସେ ପ୍ରତିଦ୍ୱନ୍ଦ୍ୱୀ ଛଇଳଚନ୍ଦ୍ର ଜେନାଙ୍କୁ ୬୭ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ପଦରେ ବିଜୟ କୁମାର ପରିଡା ପ୍ରତିପକ୍ଷ ଗୌତମ କୁମାର ନାୟକଙ୍କୁ ୮୦ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଉପସଭାପତି ପଦରେ ସରୋଜ କୁମାର ମହାପାତ୍ର ପ୍ରତିପକ୍ଷ ପ୍ରକାଶ କୁମାର ଜେନାଙ୍କୁ ୧୦୪ ଭୋଟରେ ପରାଜିତ କରିଛନ୍ତି।

ସମ୍ପାଦକ ପଦରେ ବିଶ୍ୱରଞ୍ଜନ ପଲେଇ ପ୍ରତିପକ୍ଷ ମନୋଜ କୁମାର ସ୍ୱାଇଁଙ୍କୁ ୧୧୬ ଭୋଟରେ ପରାଜିତ କରିଛନ୍ତି। ସହ ସଂପାଦକ ସୁଧୀର କୁମାର ଜେନା ପ୍ରତିପକ୍ଷ ସୁନାକର ମହାନ୍ତିଙ୍କୁ ୨୮୮ ଭୋଟରେ ପରାଜିତ କରିଛନ୍ତି। କୋଷାଧକ୍ଷ ପଦରେ ମାନସ ପାତ୍ର ପ୍ରତିପକ୍ଷ ମନୋଜ କୁମାର ବିଶ୍ୱାଳଙ୍କୁ ୧୧୪ ଭୋଟରେ ପରାଜିତ କରିଛନ୍ତି। ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ନିର୍ବାଚିତ କର୍ମକର୍ତ୍ତା ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବେ ବୋଲି ଜଣାପଡ଼ିଛି।

# ପଞ୍ଚାୟତସ୍ତରରେ ସାଙ୍ଗଠନିକ କାର୍ଯ୍ୟ ତ୍ୱରାନ୍ୱିତକୁ ଗୁରୁତ୍ୱ


କର୍ମୀ ସମ୍ମିଳନୀରେ ମଞ୍ଚାସୀନ ନେତୃମଣ୍ଡଳୀ।

### କାଦୁଆପଡ଼ାରେ ବିଜେଡି କର୍ମୀ ସମ୍ମିଳନୀ

ଜଗତ୍‌ସିଂହପୁର, ୨୫।୨
(ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ଏବେଠୁ ପଞ୍ଚାୟତସ୍ତରରେ ସାଙ୍ଗଠନିକ କାର୍ଯ୍ୟ କିପରି ତ୍ୱରାନ୍ୱିତ କରିହେବ ସେନେଇ ପ୍ରତ୍ୟେକେ ଅଣ୍ଟା ଭିଡ଼ିବାକୁ ପଡ଼ିବ। ରବିବାର ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ କାଦୁଆପଡ଼ା ଗ୍ରାମପଞ୍ଚାୟତ କଲ୍ୟାଣୀ ମଣ୍ଡପ ପରିସରରେ ଅନୁଷ୍ଠିତ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ବିଜେଡି ଜଗତ୍‌ସିଂହପୁର ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତରେ ଦଳକୁ ଅଧିକ ମଜଭୁତ କରିବା ପାଇଁ ପଞ୍ଚାୟତସ୍ତରୀୟ ନେତୃତ୍ୱମାନଙ୍କ ସହଯୋଗ ଲୋଡିଥିଲେ। ଲୋକେ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନାର ସୁଫଳ ଯେପରି ପାଇପାରିବେ ସେନେଇ ଦଳୀୟ ନେତା ଓ କର୍ମୀମାନେ ଦାୟିତ୍ୱବାନ ହେବାକୁ ଅନୁରୋଧ କରିଥିଲେ। ପୂର୍ଣ୍ଣଚନ୍ଦ୍ର ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଗେନ୍ଦ୍ର ଦାସ, କିଶୋର ବିଶ୍ୱାଳ, ଗଙ୍ଗା ଖଟୁଆ, ବିଷ୍ଣୁ ଚରଣ ଦାସ, ପ୍ରଭଞ୍ଜନ ଦାଶ, ମୁକ୍ତି ବିନୋଦ ବେହେରା, ପୀତବାସ ଖଟୁଆ, ବିଜୟ ଭଞ୍ଜ ଓ ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ମହାରଣା, ଅଶୋକ କୁମାର ଖଟୁଆ, ରବୀନ୍ଦ୍ର ଦାସ, ଲିପୁନା ଭଞ୍ଜ, ତପନ ବାରିକ, ପିଣ୍ଟୁ ତ୍ରିପାଠୀ, ସୀତାକାନ୍ତ ଭଞ୍ଜ, ଦୀପକ ମହାରଣା ଓ ବୁଧେଶ୍ୱର ଦାସଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।


ସୋମବାର ପାରାଦୀପ ରେଳ ଷ୍ଟେଶନର ପୁନଃ ବିକାଶ କାର୍ଯ୍ୟର ଶୁଭାରମ୍ଭ ସାଙ୍ଗକୁ ଶିଳାନ୍ୟାସ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ଜରିଆରେ ଏହାର ଶୁଭାରମ୍ଭ କରିବେ।

# ଗୋକୁଳପୁରରେ ଲକ୍ଷ୍ମୀ ବସ୍ ରହଣି ପାଇଁ ଜିଲାପାଳଙ୍କୁ ଅନୁରୋଧ

ରଘୁନାଥପୁର, ୨୫।୨
(ରାଜେନ୍ଦ୍ର ନାରାୟଣ ସିଂହ)

ଗ୍ରାମାଞ୍ଚଳ ଜନସାଧାରଣଙ୍କ ଗମନାଗମନ ନିମନ୍ତେ ରାଜ୍ୟ ସରକାର ପ୍ରତି ପଞ୍ଚାୟତ ସ୍ତରରେ ଲକ୍ଷ୍ମୀ ବସର ଶୁଭାରମ୍ଭ କରିଛନ୍ତି। ଜଗତ୍‌ସିଂହପୁର ଜିଲାରେ ଗତ ୨୧ ତାରିଖରୁ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ସ୍ୱଳ୍ପ ମୂଲ୍ୟରେ ଏହା ସିଧାସଳଖ ପଞ୍ଚାୟତଠାରୁ ବ୍ଲକ ଓ ଜିଲା ସଦର ମହକୁମା ପର୍ଯ୍ୟନ୍ତ ଗଡ଼ିବ। ତେବେ ବସ ରହଣିକୁ ନେଇ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। କଟକ ପାରାଦୀପ ରାସ୍ତାର ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁରଠାରେ ଲକ୍ଷ୍ମୀ ବସ୍ ରହଣି ନାହିଁ। ଏଠାରେ ଉକ୍ତ ବସ୍ ରହଣି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ୫-ଟି ଅଧକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେମାନଙ୍କ କହିବାନୁଯାୟୀ, ଦୈନନ୍ଦିନ ଏହି ଷ୍ଟପେଜରୁ ବହୁ ଛାତ୍ରୀଛାତ୍ର ଓ ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟରେ ରଘୁନାଥପୁରଠାରେ ଥିବା ଶିକ୍ଷାନୁଷ୍ଠାନ, ବ୍ଲକ, ତହସିଲ, ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଅଭିମୁଖେ ଯାଇଥାନ୍ତି। ଏହାଛଡା ପ୍ରତିଦିନ ସ୍ୱାସ୍ଥ୍ୟସେବା ନିମନ୍ତେ ଅନେକ ବ୍ୟକ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି। ଏଠାରେ ଲକ୍ଷ୍ମୀ ବସ ଷ୍ଟପେଜ ନ ଥିବାରୁ ଲୋକେ ଏହାର ସୁଫଳତା ପାଇପାରୁ ନାହାନ୍ତି ବୋଲି ପଞ୍ଚାୟତ ସଭାପତି ଚନ୍ଦ୍ରଶେଖର ସିଂହ ଓ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାକର ମଲ୍ଲିକ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୋକୁଳପୁରଠାରେ ଲକ୍ଷ୍ମୀ ବସ ରହଣି ପାଇଁ ବ୍ୟବସ୍ଥା କରିବାକୁ ୮ନଂ ୱାର୍ଡ ସଭ୍ୟା ଝରଣା ମଲ୍ଲିକ, ରୀନା ଦାସ, ମିକୁ ମଲ୍ଲିକ, ମମତା ଦାସ, ସାବିତ୍ରୀ ମଲ୍ଲିକ, କଳ୍ପନା ଭୋଇ, ବିକ୍ରମ ସିଂହ, କେଦାରନାଥ ସିଂହ, ସୁବାସ ଚନ୍ଦ୍ର ବାରିକ, ଦୟାନିଧି ସାହୁ, ପୁଷ୍ପକ ସାହୁ, ନୃସିଂହ ସାହୁ, ଜଙ୍ଗଲି ସିଂହ ପ୍ରମୁଖ ଅନୁରୋଧ କରିଛନ୍ତି।

# 'ସାମାଜିକ କର୍ମୀମାନେ ଉଦ୍ୟମ କଲେ ସମାଜରୁ ଦାରିଦ୍ର୍ୟ ହଟିବ'


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ତିର୍ତ୍ତୋଲ, ୨୫।୨
(ଗୌରାଙ୍ଗ ଚରଣ ସ୍ୱାଇଁ)

ଅବହେଳିତମାନଙ୍କ ଦୁଃଖ ଦୂର ଲାଗି ସାମାଜିକ କର୍ମୀମାନେ ଉଦ୍ୟମ କରନ୍ତୁ। ଏହାଦ୍ୱାରା ସମାଜରୁ ଦାରିଦ୍ର୍ୟ ଦୂର ହୋଇପାରିବ। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ସୁଚିନ୍ତା ଚାରିଟେବଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବରେ ବକ୍ତାମାନେ ଏହା କହିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଶିବପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଡ. ଅରୁଣ କୁମାର ପାଣି ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସଭାପତି ବସନ୍ତ ମଞ୍ଜରୀ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ତହସିଲଦାର ସତ୍ୟଜିତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଧର୍ମର ପ୍ରତିଷ୍ଠାତା ଗୋବିନ୍ଦ ଭଗବାନ, ଡା. ଦେବଦତ୍ତ ସାମନ୍ତରାୟ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ, ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ସିନେ ଅଭିନେତା ଦିଲୀପ ନାୟକ, ଡ. ଜ୍ଞାନରଞ୍ଜନ ନନ୍ଦ, ପୂର୍ବତନ ଜିଲାପରିଷଦ ସଭ୍ୟ ହେମନ୍ତ କୁମାର ନାୟକ, ସାହିତ୍ୟିକ ଗୋଲୋକ ବିହାରୀ ପଲାଇ, ପ୍ରେମ ଚରଣ ରାଉତ, ଲୋକନାଥ ବଡ଼ପଣ୍ଡା, ଶିକ୍ଷାବିତ୍ ବିଭୂଷିତା ଦାସ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଆଲୋକ ରଞ୍ଜନ ଦାସ, ଯଯାତି କେଶରୀ ସମାନ୍ତରାୟ, ଚିକିତ୍ସକ ଡ. କୁମାର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏଥିରେ ଜିଲା ତଥା ଜିଲା ବାହାରର ୧୨ ଅନୁଷ୍ଠାନ, ୭ ମହିଳା ସଂଗଠନ ତଥା ସାହିତ୍ୟିକମାନେ ଯୋଗ ଦେଇଥିଲେ। ସାହିତ୍ୟିକା ମନୋରମା ଶତପଥୀ, କଳ୍ପନା ସୂତାର, ଦିଗମ୍ବର ରାଉତ, ଆଇନଜୀବୀ ପ୍ରଶାନ୍ତ ଦାସ, ଡ. ତନ୍ମୟ ସେଠୀ, ପ୍ରଭାତ କୁମାର ପରିଡ଼ା, ତୃପ୍ତିରଞ୍ଜନ ମହାନ୍ତି ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଦ୍ୟନାଥ ସାହୁ ଗାନ କରିଥିବା ବେଳେ ପଣ୍ଡିତ ନାଗମଣି କର ବେଦ ପାଠ କରିଥିଲେ। ମଞ୍ଜରୀ କଳା ଅନୁଷ୍ଠାନ ନୃତ୍ୟ ପରିବେଷଣ କରିଥିବା ବେଳେ ସାମାଜିକ କର୍ମୀ ହେମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିରୋ ପଏଣ୍ଟରେ ଶକ୍ତି ପ୍ରଦର୍ଶନ କଲେ ସନ୍ତୋଷ

ପାରାଦୀପ, ୨୫।୨ (ଶରତ ରାଉତ)

### ଶ୍ରମିକ ସଂଘ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ

ପାରାଦୀପ ଉପକଣ୍ଠ ଜାତୀୟ ରାଜପଥ ପାଖ ଜିରୋପଏଣ୍ଟଠାରେ ରବିବାର ପୂର୍ବଭାରତ ତୈଳ ବିଶୋଧନାଗାର ଶ୍ରମିକସଂଘ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ଅତିଥି ଭାବେ ଖବରଦାତା ରବି ଦାସ, ପ୍ରଫେସର ହିମାଂଶୁ ଆଚାର୍ଯ୍ୟ, ଲଳିତ ମୋହନ ମିଶ୍ର, ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ମନୋରଞ୍ଜନ ଦାସ, ଅମିୟ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସମସ୍ତ ଅତିଥି ସନ୍ତୋଷଙ୍କ ସାଙ୍ଗଠନିକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରବି ଦାସ କହିଥିଲେ, ଜନସେବାର ପ୍ରତୀକ ହେଉଛନ୍ତି ସନ୍ତୋଷ। ସୂଚନାଯୋଗ୍ୟ, ସନ୍ତୋଷ ହେଉଛନ୍ତି ବିଜେଡି ରାଜ୍ୟ ସମ୍ପାଦକ। ଗତ ୨୦୧୯ ନିର୍ବାଚନରେ ତାଙ୍କ ନାମ ଆଶାୟୀ ତାଲିକାରେ ଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ଏପରି ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି ବୋଲି ଆଲୋଚନା ହେଉଛି।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପଟ୍ଟନାୟକ, ଶ୍ରମିକ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

# ମୋବାଇଲ ଦୋକାନରେ ନକଲି ସିମ୍

ରାଜନଗର, ୨୫।୨
(ଭାସ୍କର ରାଉତରାୟ)

### ରାଜନଗରରେ ଦିଲ୍ଲୀ ପୋଲିସ



ଦିଲ୍ଲୀ ଅଞ୍ଚଳର ଜଣେ ଯୁବକ ଜଣେ ଯୁବତୀଙ୍କୁ ନେଇ ବର୍ଷେ ତଳୁ ଫେରାର ହୋଇଯାଇଥିବା ବେଳେ ରାଜନଗରରେ ରହିଥିବା ଓ ରାଜନଗରର ଜଣେ ଯୁବକଙ୍କ ନାଁରେ ଥିବା ସିମ୍‌କାର୍ଡ ବ୍ୟବହାର କରି କଥା ହେଉଥିବା ଜାଣିବା ପରେ ଦିଲ୍ଲୀ ପୋଲିସ ରାଜନଗରରେ ପହଞ୍ଚିଛି। ଦିଲ୍ଲୀ ପୋଲିସ ରାଜନଗର ଅଞ୍ଚଳର ଯୁବକ ରହିଥିବା ବିଭିନ୍ନ ଲୋକେସନରେ ଚଢାଉ କରିବା ପରେ ସେମାନଙ୍କୁ ପାଇ ନ ଥିଲେ। ଦିଲ୍ଲୀ ଅଞ୍ଚଳର ଯୁବକ ରାଜନଗର ହାଇସ୍କୁଲର କ୍ଲର୍କ ଚନ୍ଦନ କୁମାର ପାତ୍ରଙ୍କ ନାଁରେ ଥିବା ସିମ୍‌କାର୍ଡରେ ବିଭିନ୍ନ ସମୟରେ କଥା ହୋଇଥିବା ବେଳେ ସେହି ନମ୍ବରରୁ ଯୁବକ ଜଣଙ୍କ ତାଙ୍କ ଭାଇକୁ ଫୋନ କରିଥିଲେ। ଦିଲ୍ଲୀ ପୋଲିସ ରାଜନଗର ଥାନାରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସ ଚନ୍ଦନଙ୍କୁ ଫୋନ୍ କରି ଥାନାକୁ ଡକାଇଥିଲେ। ଚନ୍ଦନ ଥାନାକୁ ଆସିବା ପରେ ତାଙ୍କ ନାଁରେ ଥିବା ଏୟାରଟେଲ ମୋବାଇଲ ନଂ. ୮୦୯୩୫୩୫୯୪୦ କାହାକୁ ଦେଇଛ ବୋଲି ପୋଲିସ ପଚାରିଥିଲା। ସେପରି ନଂ. ତାଙ୍କର ନାହିଁ, ସେ ଏ ନେଇ ଜାଣି ନ ଥିବା ନେଇ କହିଥିଲେ। ଖୋଳତାଡ ପରେ ଚନ୍ଦନ ଚଳିତମାସ ୧ ତାରିଖରେ ରାଜନଗର ଥାନା ଅଞ୍ଚଳର ସାନବଡଗୋପାଳପୁର ବଜାର ଉପରେ ଥିବା ଏକ ମୋବାଇଲ୍‌ରୁ ଏୟାରଟେଲ ସିମ ନଂ. ୮୦୯୩୪୫୫୭୬୯ ଆଣିଥିବା କହିଥିଲେ। ସେ ସିମ୍ ପାଇଁ ଯାଇଥିବା ବେଳେ ମୋବାଇଲ ଦୋକାନୀ ତାଙ୍କର ଆଧାର କାର୍ଡ ନେବା ସହ ତାଙ୍କ ଫଟୋ ଉଠାଇ ଥିଲେ। ତାଙ୍କ ମୋବାଇଲକୁ ଏକ ଓଟିପି ଆସିଥିଲା। ଚନ୍ଦନ ଓଟିପି ଦେବା ପରେ ହେଲାନି କହି ପୁଣି ଫଟୋ ଉଠାଇବା ସହ ଆଉ ଏକ ଓଟିପି ତାଙ୍କଠାରୁ ନେଇଥିଲା।

ଚନ୍ଦନ ଗୋଟିଏ ସିମକାର୍ଡ ନେଇ ଆସିବା ସହ ସେହିଦିନରୁ ସେହି ନମ୍ବର ବ୍ୟବହାର କରି ଆସୁଛନ୍ତି। ମାତ୍ର ଥରେ ହେଲାନି କହି ଆଉ ଥରେ ଫଟୋ ଉଠାଇ ଓଟିପି ନେବା ବାହାନାରେ ମୋବାଇଲ ଦୋକାନୀ ଚନ୍ଦନ କୁମାର ପାତ୍ରଙ୍କ ଆଧାରକାର୍ଡକୁ ବ୍ୟବହାର କରି ଆଉ ଏକ ସିମ୍ କାଢି ତାକୁ ଦିଲ୍ଲୀ ଅଞ୍ଚଳର ଫେରାର ଯୁବକଙ୍କୁ କଳାବଜାରରେ ବିକ୍ରି କରିଥିବା ଜଣାପଡିଛି। ଦିଲ୍ଲୀ ପୋଲିସଠାରୁ ତାଙ୍କ ନାଁରେ କେହି ସିମକାର୍ଡ ନେଇ ମୋବାଇଲ ଚଳାଉଥିବା ଜାଣିବା ପରେ ଚନ୍ଦନ ରବିବାର ସନ୍ଧ୍ୟାରେ ଏ ନେଇ ରାଉତ ମୋବାଇଲର ମାଲିକ ଦୀପକ କୁମାର ରାଉତଙ୍କ ନାଁରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଦିଲ୍ଲୀରୁ ଆସିଥିବା ୪ ଜଣିଆ ପୋଲିସ ଟିମ୍ ତଦନ୍ତ କରି ଫେରିଯାଇଛନ୍ତି। ତଦନ୍ତ ସମୟରେ ସିମ୍ ବିକ୍ରି କରିଥିବା ରାଉତ ମୋବାଇଲ ଦିଲ୍ଲୀ ପୋଲିସକୁ ତଦନ୍ତରେ ସହଯୋଗ କରି ନ ଥିଲେ। ଦୋକାନର ସିସିଟିଭି ଯାଞ୍ଚ ପାଇଁ ପହଞ୍ଚିବା ପରେ ପାସ୍‌ୱାର୍ଡ ଜାଣି ନ ଥିବା, ସିସିଟିଭିର ବ୍ୟାକ୍ ଅପ୍ ନ ଥିବା ଏବଂ ସିମ୍ ବିକ୍ରି କରିଥିବା ନେଇ କୌଣସି ରେଜିଷ୍ଟାର କିମ୍ବା କୌଣସି ଡକ୍ୟୁମେଣ୍ଟ ଫାଇଲ ପୋଲିସକୁ ଦେଖାଇ ପାରି ନ ଥିଲେ। ଅପରପକ୍ଷରେ ମୁତାବକ ୧ ଫେବୃଆରୀ ୨୦୨୪ରେ ଲଗଇନ୍ ଆଇଡି ସିଏଏଫ ଏ୧୫ଏଓଡି୨ଏଫ୍ଓ୬ରେ ୨ଟା ୧୬ ମିନିଟ୍ ପିଏମ୍‌ରେ ଏୟାରଟେଲ ସିମ୍ ନଂ. ୮୦୯୩୪୫୫୭୬୯ ଇସ୍ୟୁ ହୋଇଥିବା ବେଳେ ସମାନ ଲଗ୍‌ଇନ୍ ଆଇଡିରେ ସିଏଏଫ ଏ୧୫ଏଓଡି୨ଏଫଓଡବ୍ଲ୍ୟୁରେ ୨ଟା ୧୯ ମିନିଟ୍ ପିଏମ୍‌ରେ ୮୦୯୩୫୩୫୯୪୦ ନମ୍ବର ଇସ୍ୟୁ ହୋଇଛି। ଗୋଟିଏ ଦିନରେ ଗୋଟିଏ ଆଧାରକାର୍ଡରେ ୨ଟି ନମ୍ବର ଇସ୍ୟୁ ହୋଇଥିବା ଜଣାପଡିଛି। କେବଳ ଚନ୍ଦନଙ୍କ ଆଧାର କାର୍ଡକୁ ବ୍ୟବହାର କରି ନକଲି ସିମ୍ ମୋବାଇଲ ଦୋକାନୀ କଳାବଜାରରେ ବିକ୍ରି କରିଛନ୍ତି ନାଁ ଆହୁରି ଅନେକ ଲୋକ ଏପରି ଠକେଇର ଶିକାର ହୋଇଛନ୍ତି, ତାହାକୁ ନେଇ ରାଜନଗର ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ଏ ନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

